ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.140 Bhubaneswar Sunday July 09 2023 | ୨୬ତମ ବର୍ଷ ସଂଖ୍ୟା-୧୪୦ ଭୁବନେଶ୍ୱର, ରବିବାର, ଜୁଲାଇ ୦୯, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS


# ବିଜେଡିର ମୁଣ୍ଡବ୍ୟଥା ବଢ଼ାଇଲେ ଦୁଇ ବିଧାୟକ ବ୍ରଜ ଓ ଚନ୍ଦ୍ରସାରଥୀ

ଭୁବନେଶ୍ୱର,୮।୭(ପି.ଏନ): ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ଦଳୀୟ ବିଧାୟକମାନଙ୍କ କାର୍ଯ୍ୟ ଓ ଆଚରଣ ବିଜେଡି ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଓ କଟକ ସଦର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରାଙ୍କ ସମ୍ପୃକ୍ତି ଥିବା ଦୁଇଟି ଅଡିଓ ଓ ଭିଡିଓ ଏବେ ସୋସିଆଲ ମିଡିଆରେ ଘୁରି ବୁଲିଛି । ଯାହାକି ବିରୋଧୀଙ୍କୁ ସମାଲୋଚନାର ଖୋରାକ ଯୋଗାଇଛି । ଫାଇଭ-ଟି ସଚିବଙ୍କ ଅନୁଗୁଳ ଜିଲ୍ଲା ଗସ୍ତବେଳେ ରାଧା ପାଇଁ ଦୋଳି ସଜା ଓ ପୁଷ୍ପ ବର୍ଷା ସହ ଅଧିକ ସଂଖ୍ୟକ ଲୋକ ସଭାରେ ଉପସ୍ଥିତ ହେବେ ସେ ନେଇ ତାଳଚେର ବିଧାୟକ ଶ୍ରୀ ପ୍ରଧାନଙ୍କ ଏକ ଅଡିଓକୁ ନେଇ ବିଜେପି କଡା ସମାଲୋଚନା କରିଥିବାବେଳେ କଟକ ସଦର ବିଧାୟକ ଶ୍ରୀ ବେହେରାଙ୍କ ଆନୁଗତ୍ୟ




ପାଳନ ନିମନ୍ତେ ମହିଳାମାନେ ଶପଥ ପାଠ କରିବାର ଏକ ଭିଡିଓ ଭାଇରାଲ ହେଉଛି । ଯେଉଁଥିରେ ବିଜେଡି ସହ ଜଡିତ ମହିଳାମାନେ ବିଧାୟକଙ୍କୁ ଖୁସି କରିବାକୁ ଶପଥ ନେଉଥିବା ଦେଖିବାକୁ ମିଳୁଛି ।ସୂଚନା ଅନୁସାରେ, ଫାଇଭ-ଟି ସଚିବ ଭିକେ ପାଣ୍ଡିଆନ ତାଳଚେର ଗସ୍ତରେ ଯିବାର କାର୍ଯ୍ୟକ୍ରମ ଥିବାବେଳେ ତା'ପୂର୍ବରୁ ତାଳଚେର ବିଧାୟକ ଶ୍ରୀ ପ୍ରଧାନ ଏକ ପ୍ରସ୍ତୁତି ବୈଠକ କରି ଦଳୀୟ କର୍ମୀମାନଙ୍କୁ ଏହି କାର୍ଯ୍ୟକ୍ରମ ସଫଳ କରିବାକୁ ପରାମର୍ଶ ଦେଉଛନ୍ତି । ଭାଇରାଲ ହେଉଥିବା ଏ ସଂକ୍ରାନ୍ତ ଭିଡିଓରେ ଶ୍ରୀ ପ୍ରଧାନ କହୁଛନ୍ତି ଯେ, ରାଧା ପାଇଁ ଦୋଳି ସଜାଇଲେ ଓ ପୁଷ୍ପ ବର୍ଷା ହେଲେ ସିନା ସେ ଖୁସି ହୋଇ ଆମ ଅଂଚଳକୁ ଅଧିକ ପାଣ୍ଠି ଦେବେ । ଫାଇଭ-ଟି ସଚିବଙ୍କ ସଭାରେ ଯେଭଳି ଅଧିକ ସଂଖ୍ୟକ ଲୋକେ ହେବେ ସେଥିପାଇଁ ସେ ଲୋକମାନଙ୍କୁ ଅନୁରୋଧ କରୁଥିବା ଶୁଣିବାକୁ ମିଳୁଛି । ଯାହାକୁ ନେଇ ବିଜେପି ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରିଛି । ବିଜେପିର ତାଳଚେର ବିଧାୟକ ପ୍ରାର୍ଥୀ ତଥା ମୁଖପାତ୍ର କାଳନ୍ଦୀ ସାମଲ ଆଜି କଡା ଭାଷାରେ ବିଧାୟକ ଶ୍ରୀ ପ୍ରଧାନଙ୍କୁ ସମାଲୋଚନା କରିଛନ୍ତି । ବୀର ଓ ସ୍ୱାଭିମାନର ମାଟି ତାଳଚେରର ସ୍ୱାଭିମାନକୁ ବିଧାୟକ ଶ୍ରୀ ପ୍ରଧାନ ତଳିତଳାନ୍ତ କରିଛନ୍ତି । ତୁରନ୍ତ ତାଳଚେରବାସୀଙ୍କୁ କ୍ଷମା ମାଗନ୍ତୁ । ଜଣେ ସଚିବଙ୍କୁ ଖୁସି କରିବାକୁ ବିଧାୟକ ଯେ କେତେ ତତ୍ପର ତାହା ଏହି ଅଡିଓରୁ ଜଣାପଡିଯାଉଛି । ଜଣେ ନିର୍ବାଚିତ ଜନପ୍ରତିନିଧି ହୋଇ ସଚିବଙ୍କ ଗସ୍ତକୁ ସଫଳ କରିବାକୁ ବିଧାୟକ କିଭଳି ନିଜର ସ୍ୱାଭିମାନ ସହ ସାଲିସ୍ କରିଛନ୍ତି ତାକୁ ନେଇ ଶ୍ରୀ ସାମଲ କଡା ଭାଷାରେ ନିନ୍ଦା କରିବା ସହ ତୁରନ୍ତ କ୍ଷମା ମାଗିବାକୁ ଦାବି କରିଛନ୍ତି ।

## ଅଶ୍ୱିନୀ ପାତ୍ର ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି

ଭୁବନେଶ୍ୱର, ୮।୭(ପି.ଏନ): ବାଲେଶ୍ୱର ଜିଲ୍ଲା ପୁନର୍ଗଠନ କରିଛି ବିଜେଡି। ଅଶ୍ୱିନୀ କୁମାର ପାତ୍ରଙ୍କୁ ବାଲେଶ୍ୱର ଜିଲ୍ଲା ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଏହା ବ୍ୟତୀତ ୪ ଜଣଙ୍କୁ ବରିଷ୍ଠ ଉପସଭାପତି ଓ ୯ ଜଣଙ୍କୁ ଉପସଭାପତି ଦାୟିତ୍ୱ ମିଳିଛି। ସେହିପରି ୧୬ଜଣ ବାଲେଶ୍ୱର ସାଧାରଣ ସମ୍ପାଦକ , ୨୨ ଜଣ ସମ୍ପାଦକ , ୨୩ ଜଣ ଯୁଗ୍ମ ସମ୍ପାଦକ , ଜଣେ କୋଷାଧ୍ୟକ୍ଷ ଏବଂ ଜଣେ ମିଡିଆ କୋଅର୍ଡିନେଟରଙ୍କୁ ନିଯୁକ୍ତି ଦେଇଛି ବିଜେଡି। ବିଜେଡି ସାଧାରଣ ସମ୍ପାଦକ ମାନସ ମଙ୍ଗରାଜ ଏହି ସୂଚନା ଦେଇଛନ୍ତି।

## ହଜରତଗଞ୍ଜ ମେଟ୍ରୋ ଷ୍ଟେସନକୁ ବୋମାରେ ଉଡାଇବାକୁ ଧମକ

ଲକ୍ଷ୍ନୌ, ୮।୭(ପି.ଏନ): ଉତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ ହଜରତଗଞ୍ଜ ମେଟ୍ରୋ ଷ୍ଟେସନକୁ ବୋମା ମାଡ କରି ଉଡାଇଦେବାକୁ ଧମକ ମିଳିଛି । ଶୁକ୍ରବାର ବିଳମ୍ବିତ ରାତିରେ ପୋଲିସ କଂଟ୍ରୋଲ ରୁମ୍ ୧୧୨କୁ ଏହି ଧମକ ଆସିଛି । ଏହାପରେ ତୁରନ୍ତ ମେଟ୍ରୋ ଷ୍ଟେସନର ସୁରକ୍ଷା ବ୍ୟବସ୍ଥା ବଢାଇ ଦିଆଯାଇଛି । ଆଖପାଖରେ ରହିଥିବା ଦୋକାନ ଗୁଡିକୁ ବନ୍ଦ କରାଯାଇଛି । ବହୁ ସଂଖ୍ୟାରେ ପୋଲିସ ବଳକୁ ହଜରତଗଞ୍ଜ ମେଟ୍ରୋ ଷ୍ଟେସନ ଠାରୁ ଚାରବାଗ ମେଟ୍ରୋ ଷ୍ଟେସନ ପର୍ଯ୍ୟନ୍ତ ମୁତୟନ କରାଯାଇଛି । ପୋଲିସ ସହିତ ପିଏସି ମଧ ମୁତୟନ କରାଯାଇଛି । ବୋମା ନିଷ୍କ୍ରିୟକାରୀ ଟିମ୍ ଷ୍ଟେସନରେ ପହଂଚି ଛାନଭିନ୍ ଜାରୀ ରଖିଛନ୍ତି । କିନ୍ତୁ, ସେଠାରୁ କୌଣସି ବୋମା ଉଦ୍ଧାର ହୋଇନାହିଁ । ଏହି ସୂଚନା ଦେଇଥିବା ଲୋକକୁ ଏବେ ଖୋଜୁଛି ପୋଲିସ ।

## ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥର ରାମବନ ଠାରେ ଭୂ-ସ୍ଖଳନ

ଜମ୍ମୁ, ୮।୭(ପି.ଏନ):ଜମ୍ମୁ-କାଶ୍ମୀରରେ ଭୀଷଣ ବର୍ଷା ଯୋଗୁଁ ଘଟିଥିବା ଭୂ-ସ୍ଖଳନରେ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବନ୍ଦ ରହିଛି । ଭୂ-ସ୍ଖଳନ କାରଣରୁ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥ, ମୁଗଲ ରୋଡ଼ ଏବଂ ଶ୍ରୀନଗର-ସୋନମର୍ଗ-ଗୁମାରୀ ରୋଡ଼ ବନ୍ଦ ରହିଛି । ରାମବନର ବରିଷ୍ଠ ପୋଲିସ ଅଧିକ୍ଷକ ଏସଏସପି ମୋହିତା ଶର୍ମା ଟ୍ୱିଟ୍ କରିଛନ୍ତି । ଏହି ଟ୍ୱିଟ୍ ରେ ସେ ଉଲ୍ଲେଖ କରିଛନ୍ତି ଯେ, ରାମବନର ବିଭିନ୍ନ ଅଂଚଳରେ ଭୀଷଣ ବର୍ଷା ସାଙ୍ଗକୁ ଭୂ-ସ୍ଖଳନ ଏବଂ ପାହାଡ଼ରୁ ପଥର ଖସିବା କାରଣରୁ ରାଜପଥକୁ ବନ୍ଦ ରଖାଯାଇଛି । ସେହିପରି କୌଣସି ପ୍ରକାର ଯାତ୍ରା ଯୋଜନା କରିବା ପୂର୍ବରୁ ନବୀନତମ ରାଜପଥର ସ୍ଥିତି ଜାଣିବା ନିମନ୍ତେ ଟ୍ରାଫିକ୍ କଂଟ୍ରୋଲ୍ ୟୁନିଟ୍ (ଟିସିୟୁ) ସହ ପରାମର୍ଶ କରିବା ପାଇଁ ଜନତାଙ୍କୁ ଆହ୍ୱାନ କରିଛନ୍ତି ଏସଏସପି । ଜମ୍ମୁ-କାଶ୍ମୀର ଟ୍ରାଫିକ୍ ପୋଲିସ ଟ୍ୱିଟ୍ କରିଛି ଯେ, ଏନଏଚ-୪୪, ମୁଗଲ ରୋଡ଼ ଏବଂ ଏସଏସଜି ରୋଡ଼ ଭୂ-ସ୍ଖଳନ କାରଣରୁ ଅବରୋଧ ହୋଇଛି । ଲୋକମାନେ ଏବେ ଏହି ରୁଟ୍ ରେ ଯାତ୍ରା ନକରିବାକୁ ପରାମର୍ଶ ଦିଆଯାଇଛି ।

## ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନ ବେଳେ ହିଂସା: ୧୩ ଜଣଙ୍କୁ ହତ୍ୟା, କେନ୍ଦ୍ର ଗୃହ ମନ୍ତ୍ରଣାଳୟ ମାଗିଲା ରିପୋର୍ଟ



ଭୁବନେଶ୍ୱର,୮।୭(ପି.ଏନ): ଶନିବାର ପଶ୍ଚିମବଙ୍ଗରେ ଚାଲିଥିବା ପଞ୍ଚାୟତ ନିର୍ବାଚନ ବେଳେ ବିଭିନ୍ନ ସ୍ଥାନରେ ହିଂସା ଦେଖିବାକୁ ମିଳିଛି। ହିଂସାକାଣ୍ଡରେ ବିଭିନ୍ନ ଦଳର ୧୩ କର୍ମୀ ହତ୍ୟାର ଶିକାର ହୋଇଛନ୍ତି। ଏହି ନିର୍ବାଚନୀ ହିଂସା ନେଇ ପଶ୍ଚିମବଙ୍ଗ ବିଜେପି ସଭାପତି ସୁକାନ୍ତ ମଜୁମଦାରଙ୍କ ଠାରୁ ଫୋନ୍ ଯୋଗେ ପଚାରି ବୁଝିଛନ୍ତି ବିଜେପି ଅଧକ୍ଷ ତଥା ମନ୍ତ୍ରୀ ଜେପି ନଡ୍ଡା। ସେପଟେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏନେଇ ରାଜ୍ୟ ସରକାରଙ୍କ ଠାରୁ ରିପୋର୍ଟ ମାଗିଥିବା ସୂଚନା ମିଳିଛି। ହତ୍ୟାର ଶିକାର ବ୍ୟକ୍ତିଙ୍କ ଭିତରେ ୮ ଜଣ ତୃଣମୂଳ କଂଗ୍ରେସ(ଟିଏମ୍ସି) କର୍ମୀ ଥିବା ବେଳେ ୩ ଜଣ ସିପିଆଇଏମ୍‌ର କର୍ମୀ, ଜଣେ ଲେଖାଏଁ ବିଜେପି ଏବଂ କଂଗ୍ରେସ କର୍ମୀ ରହିଛନ୍ତି।

## ଓଡିଶାର ଶିକ୍ଷାନୁଷ୍ଠାନ ମୂଲ୍ୟାୟନରେ ରାଜନୀତି ହେଉଛି: ବିଜେଡି

ଭୁବନେଶ୍ୱର, ୮।୭(ପି.ଏନ): ଓଡିଶାର ଶିକ୍ଷାନୁଷ୍ଠାନଗୁଡିକର ମୂଲ୍ୟାୟନ କ୍ଷେତ୍ରରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ରାଜନୀତି କରୁଛନ୍ତି । ଗ୍ରାମୀଣ ଗୃହନିର୍ମାଣ, ମନରେଗା, ଦକ୍ଷତା ବିକାଶ, କ୍ରୀଡ଼ା ପ୍ରୋତ୍ସାହନ, ବିପର୍ଯ୍ୟୟ ପରିଚାଳନା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଓଡିଶା କେନ୍ଦ୍ର ସରକାରଙ୍କ ଦ୍ୱାରା ପୁରସ୍କୃତ ହେଉଥିବାବେଳେ ଶିକ୍ଷା କ୍ଷେତ୍ରରେ ଏଭଳି ର୍ୟାଙ୍କିଂ ଅନେକଙ୍କୁ ଆଶ୍ଚର୍ଯ୍ୟ କରୁଥିବା କହିଛନ୍ତି ବିଜେଡି ସାଂସଦ ଡକ୍ଟର ସସ୍ମିତ ପାତ୍ର । ଡକ୍ଟର ପାତ୍ର କହିଛନ୍ତି ଯେ ଓଡିଶାରେ ପ୍ରାୟ ୮୦୦୦ ହାଇସ୍କୁଲରେ ରୂପାନ୍ତରଣ କରାଯାଉଛି ଯାହାକି ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଉଚ୍ଚମାନର ଶିକ୍ଷା ପ୍ରଦାନ କରୁଛି । ଓଡ଼ିଶା ଆରମ୍ଭ କରିଥିବା ମୋ ସ୍କୁଲ ଅଭିଯାନ ଯାହା କି ଦେଶରେ ଅତୁଳନୀୟ ଏବଂ ଏହାକୁ ସାରା ରାଜ୍ୟରେ ପ୍ରଶଂସା କରାଯାଉଛି, ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟଗୁଡ଼ିକର ପର୍ଫମାନ୍ସ ଗ୍ରେଡିଂ ଇଣ୍ଡେକ୍ସ (ପିଜିଆଇ) ରିପୋର୍ଟରେ ଓଡିଶା ର୍ୟାଙ୍କିଙ୍ଗରେ ହ୍ରାସ ଘଟିବା ଆଶ୍ଚର୍ଯ୍ୟଜନକ ।ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଓଡିଶାର ଶିକ୍ଷା ବ୍ୟବସ୍ଥାକୁ ଖରାପ ଭାବେ ଦର୍ଶାଇବା ଏବଂ ଓଡିଶାବାସୀଙ୍କୁ ବଦନାମ କରିବା ପାଇଁ ଏହା ଏକ ସୁଚିନ୍ତିତ ପ୍ରୟାସ । ଆଶ୍ଚର୍ଯ୍ୟର କଥା ଯେ ଉତ୍କଳ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ମାନ୍ୟତାରେ ମଧ ହ୍ରାସ କରାଯାଇଛି ।ଏହା ଅତ୍ୟନ୍ତ ଦୁଃଖଦାୟକ ଏବଂ ଦୁର୍ଭାଗ୍ୟଜନକ ଯେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଓଡିଶାର ଶିକ୍ଷା ବ୍ୟବସ୍ଥାର ମୂଲ୍ୟାୟନ କ୍ଷେତ୍ରରେ ଏଭଳି ରାଜନୀତିରେ ଲିପ୍ତ ଅଛି । ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଦିଆଯାଇଥିବା ମୂଲ୍ୟାୟନକୁ ଆମେ ମାନ୍ୟତା ଦେଉ ନାହୁଁ କାରଣ ଏହା ଯୋଗ୍ୟତା ଅପେକ୍ଷା ରାଜନୀତି ସହିତ ଅଧିକ ଜଡିତ ଅଟେ ।

## ୫ଟି ସଚିବଙ୍କୁ ଅପରାଜିତାଙ୍କ ଟାର୍ଗେଟ୍

ଭୁବନେଶ୍ୱର, ୮।୭(ପି.ଏନ): ପୁଣି ଥରେ ୫ ଟି ସଚିବଙ୍କ ବିଭିନ୍ନଜିଲ୍ଲା ଗସ୍ତକୁ ଟାର୍ଗେଟ୍ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଶନିବାର ଖୋର୍ଦ୍ଧା ମଳିପଡ଼ାରେ ଜୋନ୍ ସ୍ତରରେ ଆୟୋଜିତ ଏକ ଦଳୀୟ କାର୍ଯ୍ୟକ୍ରମରେ ଶ୍ରୀମତୀ ଷଡଙ୍ଗୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ବଦଳରେ ୫ଟି ସଚିବ ସବୁଆଡ଼େ ଗସ୍ତ କରୁଛନ୍ତି, ଦେହ ଖରାପ ଅଛି ତ ଗାଦି ଛାଡ଼ ।ସେ କହିଛନ୍ତି ଯେ, ଆମେ ଚାହୁଁଛୁ ସେ ଆହୁରି ବୁଲନ୍ତୁ। ବୁଲିଲେ ଲୋକଙ୍କ ଆକ୍ରୋଶ ଆହୁରି ବଢ଼ିବ। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଯେଉଁଠି ଥିବେ ସେ ଦୁଃଖ କରୁଥିବେ। ସ୍ୱର୍ଗତ ବିଜୁବାବୁ ସ୍ୱାଭିମାନୀ ଲୋକ ଥିଲେ। ତାଙ୍କ ସାଥିରେ ଥିବା ଯେଉଁମାନେ ମିଶି ଏ ଦଳ ତିଆରି କରିଥିଲେ ସେମାନେ ସମସ୍ତେ ଦୁଃଖିତ, ଯାହାଙ୍କୁ ଜନତା ବାଛିଛନ୍ତି ସେମାନେ ସମସ୍ତେ ଗାୟବ, ସଚିବ ଓ ସରକାରୀ କର୍ମଚାରୀ ବୁଲି ବୁଲି ଘୋଷଣା କରୁଛନ୍ତି ।ସେ ଆହୁରି କହିଛନ୍ତି, ଏପରି ହେବା ଦ୍ୱାରା ସାମ୍ବିଧାନିକ ପଦର ଓ ସମ୍ବିଧାନର ଅମର୍ଯ୍ୟାଦା ହେଉଛି। ରାଜ୍ୟର ମୁଖ୍ୟ ଶାସନ ସଚିବ ଗସ୍ତରେ ଗଲେ କିଛି ହୁଅନ୍ତା ନାହିଁ। ନିର୍ବାଚିତ ପ୍ରତିନିଧି କେତେ ଲଜ୍ଜିତ ହେଉଛନ୍ତି। ପୁରୁଖା ନେତା ବାହାରକୁ ଆସି ସଚିବ ସ୍ତରର ସରକାରୀ କର୍ମଚାରୀଙ୍କ ନିନ୍ଦା କରୁନାହାନ୍ତି। ସେମାନେ ସମସ୍ତେ ଦୁଃଖ ପ୍ରକାଶ କରୁଛନ୍ତି। ପ୍ରତିଦିନ ସେମାନଙ୍କୁ ଅପମାନିତ କରାଯାଉଛି। ଆଶ୍ଚର୍ଯ୍ୟର କଥା ଶୁକ୍ରବାର ରାଜ୍ୟ କାର୍ଯ୍ୟକାରିଣୀରେ ସେ ବିଜେଡିର ସଦସ୍ୟଙ୍କୁ ସମ୍ବୋଧିତ କଲେ। କିଏ ଅଧିକାର ଦେଲା ? ମୁଁ କହିବି ଯଦି ହୁଳହୁଳି ଚନ୍ଦନ ଜିନ୍ଦାବାଦ ଦରକାର୍ ଆସନ୍ତୁ ସାମ୍ନାକୁ, ସରକାରୀ ଚାକିରି ଛାଡ଼ିକି ଆସନ୍ତୁ। ଅଢେଇ ଲକ୍ଷ ଟଙ୍କାର ଦରମା ଛାଡିକି ଆସନ୍ତୁ। ମୁଖ୍ୟମନ୍ତ୍ରୀ ବୁଲିବା ପାଇଁ ଅସମର୍ଥ ଯଦି ଅଛନ୍ତି। ନିଶ୍ଚିତ ଭାବରେ ରାଜ୍ୟ ଶାସନ ମୁଖ୍ୟମନ୍ତ୍ରୀଙ୍କ ନିୟନ୍ତ୍ରଣ ବାହାରେ ଅଛି।

## କୋଟିଏ ଟଙ୍କାର ବ୍ରାଉନସୁଗାର ଜବତ କଲା ଏସଟିଏଫ୍

ଭୁବନେଶ୍ୱର, ୮।୭(ପି.ଏନ): ଖୋର୍ଦ୍ଧା ଜିଲ୍ଲା ବାଘମାରୀ ଅଂଚଳରୁ ଶନିବାର କ୍ରାଇମବ୍ରାଂଚ ଏସ୍‌ଟିଏଫ୍ ଜଣେ ବ୍ରାଉନସୁଗର ଡିଲରଙ୍କୁ ଗିରଫ କରିଛି। ତାଙ୍କଠାରୁ ୧୧୦୦ ଗ୍ରାମ ବ୍ରାଉନସୁଗର ଜବତ ହୋଇଛି। ଯାହାର ମୂଲ୍ୟ ୧ କୋଟି ଟଙ୍କାରୁ ଅଧିକ ହେବ ବୋଲି ସୂଚନା ମିଳିଛି ।ଗିରଫ ବ୍ରାଉନସୁଗର ଡିଲରଙ୍କ ନାଁ ସୁରେଶ ମହାପାତ୍ର। ତାଙ୍କ ଘର ଖୋର୍ଦ୍ଧା ଅଂଚଳରେ। ଆଜି ସେ ଖୋର୍ଦ୍ଧାର ବାଘମାରୀକୁ ବ୍ରାଉନସୁଗର ବିକ୍ରି କରିବା ନେଇ ଡିଲ୍ କରିବାକୁ ଆସିଥିବା ବେଳେ ଏସ୍‌ଟିଏଫ ହାତରେ ଧରାପଡ଼ିଥିଲେ। ଗିରଫ ସୁରେଶ ମହାପାତ୍ରଙ୍କର ମୁର୍ଶିଦାବାଦ ଲିଙ୍କ୍ ରହିଛି। ସେଠାରୁ ସେ ବ୍ରାଉନସୁଗର ଆଣନ୍ତି। ସେ କିଛି ଲୋକଙ୍କୁ ରଖିଛନ୍ତି। ସେମାନଙ୍କ ଜରିଆରେ ବିଭିନ୍ନ ଜିଲ୍ଲାକୁ ବ୍ରାଉନସୁଗର ପଠାନ୍ତି। ଏହା ବାବଦକୁ ସେ ସେହି ଲୋକଙ୍କୁ କମିଶନ ଦିଅନ୍ତି। ଗିରଫ ରମେଶ ମହାପାତ୍ରଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରିବାକୁ ଯୋଜନା ରଖିଛି ଏସ୍‌ଟିଏଫ।

## କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ଅବକାରୀ ବିଭାଗ, ପାନ ଦୋକାନରେ ବିକ୍ରି ହେଉଛି ଗଞ୍ଜେଇ ସିଗାରେଟ

କେନ୍ଦ୍ରାପଡ଼ା, ୮।୭(ପି.ଏନ): କେନ୍ଦ୍ରାପଡା ଜିଲ୍ଲା ଏବଂ ଆଖପାଖ ଅଂଚଳରେ ବ୍ରାଉନ ସୁଗାର, ଚୋରା ମଦ, ଗଞ୍ଜେଇ, ଅଫିମ ଆଦି ନୀଶାଦ୍ରବ୍ୟ ଗୁଡିକ ବ୍ୟାପକ ପରିମାଣରେ ବିଭିନ୍ନ ପାନ ଦୋକାନ ଓ ଛକ ମାନଙ୍କରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି । ପାନ ଦୋକାନୀ ମାନେ ସିଗାରେଟ ରୁ ପଡିକୁ କାଢି ଦେଇ ସେହିଖୋଳ ରେ ଗଞ୍ଜେଇ ପୁରାଇ ବିକ୍ରି କରୁଛନ୍ତି। ବ୍ରାଉନ ସୁଗାର ଓ ଗଞ୍ଜେଇ ସିଗାରେଟ ଟାଣି ଯୁବ ପିଢିର ଯୁବକମାନେ ବିଭିନ୍ନ ଅପରାଧରେ ସଂଶ୍ଳିଷ୍ଟ ହେଉଛନ୍ତି । ଏହା ପାନ ଦୋକାନରେ ସ୍ପେଶାଲ ସିଗାରେଟ ଭାବେ ପରିଚିତ ହୋଇଛି। ଯାହାଦ୍ୱାରା ଯୁବ ପିଢିମାନେ ଏହି ସିଗାରେଟ୍ ରେ ଅଭ୍ୟସ୍ତ ହୋଇ ସାରିଲେଣି । ଏ ବିଷୟରେ ଅବକାରୀ ବିଭାଗ ଜାଣିଥିଲେ ମଧ ଚୋରା ମଦ ବ୍ୟବସାୟୀ, ବ୍ରାଉନ ସୁଗାର ଓ ଗଞ୍ଜେଇ ସିଗାରେଟ୍ ବିକ୍ରି କରୁଥିବା ଦୋକାନୀ ଓ ବ୍ୟକ୍ତିଙ୍କ ଠାରୁ ମୋଟା ଅଙ୍କର ଅର୍ଥ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାଁନ୍ତି। ଯାହା ଫଳରେ ଦିନକୁ ଦିନ ଏହି ନିଶାଦ୍ରବ୍ୟ ବିକ୍ରି ବଢିବାରେ ଲାଗିଛି । ତୁରନ୍ତ ବ୍ରାଉନ ସୁଗାର ବିକ୍ରି କରୁଥିବା ଯୁବକ ଓ ଗଞ୍ଜେଇ ସିଗାରେଟ୍ ବିକ୍ରି କରୁଥିବା ଦୋକାନୀମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ବୈଜୟନ୍ତ ପଣ୍ଡାଙ୍କ ଉଦ୍ୟମରେ ମଧ ଆଫ୍ରିକାରୁ ଫେରିଲେ ୪ ଓଡିଆ ଯୁବକ

ଭୁବନେଶ୍ୱର, ୮।୭(ପି.ଏନ): ବରିଷ୍ଠ ବିଜେପି ନେତା ତଥା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଉଦ୍ୟମରେ ଗବୋନ (ମଧ ଆଫ୍ରିକା)ରେ ଫସିଥିବା ୪ ଓଡିଆ ଯୁବକ ଗତ ଆଜି ସକାଳେ ନିଜର ଜନ୍ମସ୍ଥାନରେ ପହଂଚିଛନ୍ତି। ଏହି ଯୁବକ ମାନଙ୍କୁ ଭାରତ ଫେରାଇ ଆଣିବା ପାଇଁ ଭାରତୀୟ ରାଷ୍ଟ୍ରଦୂତଙ୍କୁ ହସ୍ତକ୍ଷେପ କରିବାକୁ ଏକ ଚିଠି ଲେଖି ଶ୍ରୀ ପଣ୍ଡା ନିବେଦନ କରିଥିଲେ ।ଏଠାରେ ସୂଚନାଯୋଗ୍ୟ ଯେ କେନ୍ଦ୍ରାପଡା ଜିଲ୍ଲାର ରାଜନଗର ଥାନା ଅନ୍ତର୍ଗତ ଘଡିଆମାଳ ଗ୍ରାମର ବିଦ୍ୟାଧର ପ୍ରଧାନ, ପିତା- ବିଜୟ ପ୍ରଧାନ, ଶୁଭ୍ରକାନ୍ତ ପ୍ରଧାନ, ପିତା- ସୁଦର୍ଶନ ପ୍ରଧାନ, ପ୍ରଶାନ୍ତ କୁମାର ରାଉତ, ପିତା- ପରମେଶ୍ୱର ରାଉତ ଏବଂ ନିରଞ୍ଜନ ମହାନ୍ତି, ପିତା- ଭଗବାନ ମହାନ୍ତି ଅଧିକ ରୋଜଗାର ଆଶାରେ ଏକ ଏଜେଂଟଙ୍କ ଜରିଆରେ ଚଳିତ ବର୍ଷ ଫେବୃଆରୀ ୧୪ ତାରିଖରେ ଗବୋନ ଯାଇଥିଲେ। କମ୍ପାନୀ କର୍ତ୍ତୃପକ୍ଷ ମାସିକ ୨୫,୦୦୦/- ଟଙ୍କା ବେତନ ପ୍ରତିଶୃତି ଦେଇଥିଲେ କିନ୍ତୁ ୩ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ କୌଣସି ପାରିଶ୍ରମିକ ନଦେଇ ବିଭିନ୍ନ ପ୍ରକାର ନିର୍ଯ୍ୟାତନା ଦେଇ କାର୍ଯ୍ୟରେ ଲଗାଇଥିଲେ। ବହୁ ଅନୁରୋଧ ପରେ ମଧ ସେମାନେ ପାରିଶ୍ରମିକ ଦେଉନଥିଲେ କିମ୍ବା ସ୍ୱଦେଶ ଫେରିବାକୁ ଛାଡୁନଥିଲେ ।ଉପାୟଶୂନ୍ୟ ହୋଇ ପରିବାର ଲୋକ ସେମାନଙ୍କୁ ସ୍ୱଦେଶ ଫେରାଇ ଆଣିବା ପାଇଁ ଶ୍ରୀ ପଣ୍ଡାଙ୍କ ହସ୍ତକ୍ଷେପ ଲୋଡିଥିଲେ। ଅନୁରୋଧକ୍ରମେ ଶ୍ରୀ ପଣ୍ଡା ଭାରତୀୟ ରାଷ୍ଟ୍ରଦୂତଙ୍କ ସହ ଯୋଗାଯୋଗ କରି ଏ ବିଷୟରେ ଅବଗତ କରିବା ସହ ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ସମସ୍ତଙ୍କୁ ସୁରକ୍ଷିତ ଭାରତ ଫେରାଇ ଆଣିବା ସଙ୍ଗେ ସଙ୍ଗେ ସହାୟତା ଯୋଗାଇଦେବାକୁ ନିବେଦନ କରିଥିଲେ।

## ଆଦିତ୍ୟଙ୍କ ଦାବି- ଏକନାଥଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ କୁହାଯାଇଛି

ନୂଆଦିଲ୍ଲୀ,୮।୭(ପି.ଏନ): ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ଇସ୍ତଫା ଦେବାକୁ କୁହାଯାଇଛି ବୋଲି ଶନିବାର ଦାବି କରିଛନ୍ତି ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକରେ ।ସେ କହିଛନ୍ତି, ଏନ୍‌ସିପି ନେତା ଅଜିତ ପାୱାର ସାମିଲ ହେବା ପରେ ମହାରାଷ୍ଟ୍ର ସରକାରରେ କିଛି ପରିବର୍ତ୍ତନ ହୋଇପାରେ ବୋଲି ସଙ୍କେତ ମିଳିଛି। ମୁଁ ତ ଏହା ବି ଶୁଣିବାକୁ ପାଇଛି ଯେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦାଙ୍କୁ ଇସ୍ତଫା ଦେବା ପାଇଁ କୁହାଯାଇଛି ।ଆଦିତ୍ୟ ଠାକରେ କହିଛନ୍ତି, ମହାରାଷ୍ଟ୍ରରେ ଏବେ ଅତି ନିମ୍ନ ସ୍ତରର ରାଜନୀତି ଚାଲିଛି। ମୁଖ୍ୟମନ୍ତ୍ରୀଙ୍କ ଚୌକି ବିପଦରେ ରହିଛି। ନୂଆ ମନ୍ତ୍ରୀଙ୍କ ମଧ୍ୟରେ ବିଭାଗ ବଣ୍ଟନ ହୋଇପାରୁ ନାହିଁ। ଏବେ ସେହି ଧୋକାବାଜମାନଙ୍କର କ'ଣ ହେବ, ଯେଉଁମାନେ ଲୋଭରେ ବର୍ଷେ ?



ତଳେ ସେମାନଙ୍କ ମନ୍ତ୍ରୀ ପଦ ଛାଡି ଦେଇଥିଲେ ? ମହା ବିକାଶ ଅଘାଡି ବୈଠକରେ ନିଷ୍ପତ୍ତି ହୋଇଛି ଯେ ଆମେ ଲୋକଙ୍କୁ ନ୍ୟାୟ ଦେବା ପାଇଁ ଏହି ସରକାର ବିରୋଧରେ ଲଢ଼େଇ କରିବୁ। ଏହି ସରକାରରେ ଯେଉଁମାନେ ସାମିଲ ଅଛନ୍ତି, ସେମାନେ ସମସ୍ତେ ନିଜ ସ୍ୱାର୍ଥ ପାଇଁ ଅଛନ୍ତି। ସେମାନେ କେବଳ ଦଳ ଭାଙ୍ଗିବା କାର୍ଯ୍ୟ କରୁଛନ୍ତି।

# ଡିଏନ ଗ୍ରୁପ୍ ଓ ବରିଷ୍ଠ ସରକାରୀ ଅଫିସରଙ୍କ ସହଭାଗିତାରେ ଶହୀଦ ନଗରରେ ୧୫୦କୋଟିର ଜମି ଦୁର୍ନୀତି: ସିବିଆଇ ତଦନ୍ତ ଦାବି କଲା କଂଗ୍ରେସ

ଭୁବନେଶ୍ୱର,୮।୭(ପି.ଏନ): ଏ ଶତାବ୍ଦୀର ସବୁଠାରୁ ବଡ଼ ଜମି ଦୁର୍ନୀତି ନବୀନ ପଟ୍ଟନାୟକ ସରକାର ଦ୍ୱାରା କରାଯାଇଛି ବୋଲି କଂଗ୍ରେସର ମୁଖପାତ୍ର ରଜନୀ କୁମାର ମହାନ୍ତି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ।ସେ କହିଛନ୍ତି ସରକାର ସହୀଦନଗର ମହର୍ଷି କଲେଜ ପାଖରେ ଥିବା ୭ ଏକର ୭୯୭ ଡିସିମିଲ ଜମି ମଧ୍ୟରୁ ୪ ଏକର ୧୪୬ ଡିସିମିଲ ଜମି ଉପରେ ବସ୍ତିରେ ରହୁଥିବା ବାସହୀନ ପରିବାରବର୍ଗଙ୍କ ପାଇଁ ସ୍ଲମ ରିହାବିଲିଟେସନ ପ୍ରୋଜେକ୍ଟରେ ଶାନ୍ତି ନଗର ଆବାସଯୋଜନା ଏକ ପିପିପି ମୋଡ଼ରେ କରିଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ତରଫରୁ ବିଡିଏର ଅଥରିଟି ଏବଂ ପ୍ରାଇଭେଟ ପାର୍ଟନର ଆକାରରେ ରାଜ୍ୟ ସରକାର ପାରମିତା ସ୍ମାର୍ଟ ଇନଫ୍ରା ପ୍ରାଇଭେଟ ଲିମିଟେଡ ସହିତ ଏକ ଚୁକ୍ତିପତ୍ର ସ୍ୱାକ୍ଷର କରିଛନ୍ତି। ସହଦୀନଗର ଶାନ୍ତିନଗର ଆବାସଯୋଜନା ପ୍ରକଳ୍ପରେ ୧୩ଟି ଫ୍ଲାଟ ଯେଉଁଥିରେ କି ପାଖାପାଖି ୬୦୦ ପରିବାର ରହିବେ ତାହାର ଦାୟିତ୍ୱ ଏକ ଅଭିଜ୍ଞତା ନଥିବା କମ୍ପାନୀକୁ ଦିଆଯାଇଛି। କମ୍ପାନୀ ଗଠନ ହେବାର ଅଳ୍ପ କେଇଦିନ ପରେ ଏହି କମ୍ପାନୀକୁ ଓଡ଼ିଶାର ଡିଏନ ହୋମସ୍ ଲିମିଟେଡ ଟେକଓଭର କରିନେଲେ ଏବଂ ଏ କମ୍ପାନୀର ପରିଚାଳନା ସଂପୂର୍ଣ୍ଣ ଦାୟୀତ୍ୱ ଡିଏନ ହୋମସ୍ କୁ ଚାଲିଗଲା ଯାହାର ମ୍ୟାନେଜିଂ ଡାଇରେକ୍ଟର ହେଲେ ଜଗଦିଶ ନାୟକ । ପାରମିତା ସ୍ମାଟ ଇନ୍‌ଫ୍ରା କମ୍ପାନୀ ଶାନ୍ତି ନଗର ଆବାସ ଯୋଜନା ପ୍ରକଳ୍ପର ଅଳ୍ପ କିଛି କାମ ଆରମ୍ଭ କରି କାମ ବନ୍ଦ କରି ଚାଲିଗଲା। ସରକାର ସେ ସମୟରେ ଏହି




ଚୁକ୍ତିପତ୍ରକୁ ବାତିଲ କଲେ ନାହିଁ କାହିଁକି ? ପୁଣି ପରବର୍ତୀ ପର୍ଯ୍ୟାୟରେ ଯେତେବେଳେ ଡିଏନହୋମସ୍ ଏହି କମ୍ପାନୀକୁ ଅଧିଗ୍ରହଣ କଲା ତାପରେ କାର୍ଯ୍ୟ ଜାରି ରଖିବାକୁ ଅନୁମତି କାହିଁକି ଦେଲେ ? ଏଥିରେ କ'ଣ ସ୍ୱାର୍ଥ ଜଡ଼ିତ ରହିଛି ? ପ୍ରକୃତ ଉଦ୍ଦେଶ୍ୟ ଡିଏନହୋମସ୍ ହାତରେ ଏହି ପ୍ରକଳ୍ପକୁ ଟେକିଦେବା ଏବଂ ଏହି ପ୍ରକଳ୍ପ ମାଧ୍ୟମରେ ଡିଏନହୋମସ୍‌କୁ ସହୀଦନଗର ଭଳି ଏକ ଅତି ଗୁରୁତ୍ୱପୂର୍ଣ୍ଣ ଅଂଚଳରେ ଦୁଇ ଏକର ୧୦୦ ଡେସିମିଲି ଜମି ସେହି ପ୍ରୋଜେକ୍ଟରେ ଦେବା ଏବଂ ବହୁତଳ ପ୍ରସାଦ କରିବା ମୂଳ ଉଦ୍ଦେଶ୍ୟଥିଲା। ଖୋଦ ମୁଖ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ଅଧିକାରୀ ତଥା ମୁଖ୍ୟମନ୍ତ୍ରୀଙ୍କର ବ୍ୟକ୍ତିଗତ ସଚିବ ଏ ସମସ୍ତ ଘଟଣା ଜାଣି ମଧ ରାଜ୍ୟ ରାଜକୋଷକୁ ହଜାର ହଜାର କୋଟି ଟଙ୍କାର କ୍ଷତି ପହଂଚାଇବାର ଷଡ଼ଯନ୍ତ୍ର କରିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ସହଦ ନଗର ଅଂଚଳର ଗୋଟେ ସ୍କୋଆରଫୁଟ ଜମିର ବଜାର ମୂଲ୍ୟ ୨୦ ହଜାର ଟଙ୍କାରୁ ଅଧିକ। ଦୁଇ ଏକର ୧୦୦ ଡିସିମିଲ ଜମିର ମୂଲ୍ୟ ପାଖାପାଖି ୧୫୦ କୋଟିରୁ ଅଧିକ ଏବଂ ଯେଉଁ ଘର ଗୁଡ଼ିକ ବନାଯାଉଛି ତାର ବିକ୍ରି ମୂଲ୍ୟ ୪କୋଟି ୬୦ଲକ୍ଷ ବୋଲି ଯାହା ଡିଏନହୋମସ୍‌ର ଏଡଭାଇଟାଇଜମେଂଟ କରୁଛି। ପ୍ରୋଜେକ୍ଟର ନାମ ଦେଇଛି କିଙ୍ଗସ୍ ଲ୍ୟାଣ୍ଡ। ଏ ଅଳ୍ପ କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ଡିଏନହୋମସ୍‌ର ମାଲିକକୁ ନେଇ ବିଦେଶଗସ୍ତ କରିଥିଲେ। ରାଜ୍ୟ ସରକାର ଏହି ଡିଏନ ହୋମସ୍ ଗ୍ରୁପକୁ ୮ ନମ୍ବର ଅଂଚଳରେ ଏକ ହୋଟେଲ କରିବା ପାଇଁ ଏକର ପିଛା ୧ କୋଟି ଜମି ଯୋଗାଇ ଦେଇଥିବା ବେଳେ ସେ ଅଂଚଳ ଜମିର ସରକାରୀ ମୂଲ୍ୟ ଢ଼େର ଅଧିକ। ଏପରିକି ସେହି ଜମି ସାମନାରେ ଥିବା ସରକାରୀ କାର୍ଯ୍ୟାଳୟକୁ ରାଜ୍ୟ ସରକାର ମଧ ଭାଙ୍ଗି ଦେଇ ତାଙ୍କୁ ଅହେତୁକ ଅନୁକମ୍ପା ଦେଖାଇଛନ୍ତି ବୋଲି ପ୍ରଦେଶ କଂଗ୍ରେସ ମୁଖପାତ୍ର ଅମିୟ ପାଣ୍ଡବ ଅଭିଯୋଗ କରିଛନ୍ତି। ଶ୍ରୀ ପାଣ୍ଡବ କହିଛନ୍ତି ତାଙ୍କର ଶିଳ୍ପ ସଚିବ ଏବଂ ବିଭିନ୍ନ ବିଭାଗର ସଚିବଙ୍କ ସହିତ ଯେଉଁ ଦିଆନିଆ ସଂପର୍କ ରହିଛି ତାହାର ସମସ୍ତ ତଦନ୍ତ ହେବା ଉଚିତ। ପ୍ରଦେଶ କଂଗ୍ରେସର ଦାବୀ ହେଉଛି ରାଜ୍ୟରେ ରିୟଲଷ୍ଟେଟକୁ ଠିକ୍ ଢ଼ଙ୍ଗରେ ପରିଚାଳନା କରିବାପାଇଁ ରାଜ୍ୟ ସରକାର ରେରା ଗଠନ କଲେ। କୋଟି କୋଟି ଟଙ୍କା ଡିଏନହୋମସ୍‌ରୁ ଠାବ ହେଲାପରେ ମଧ ଏବଂ ଏପରିକି ଶହୀଦ ନଗର ପ୍ରେଜେକ୍ଟର କାମ ଆରମ୍ଭ ପୂର୍ବରୁ ଗ୍ରାହକମାନଙ୍କ ପାଖରୁ ଅଗ୍ରୀମ ଟଙ୍କା ରଖିବା କେତେଦୁର ଠିକ। ଏହା ସଂପୂର୍ଣ୍ଣ ରେରା ଆଇନର ଉଲଙ୍ଘନ କରୁଥିଲେ ମଧ କାହିଁକି ଏହାର ତଦନ୍ତ କରାଯାଉନାହିଁ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି ଏଭଳି ଏକ ହଜାର ହଜାର କୋଟି ଟଙ୍କା ଦୁର୍ନୀତି ଜଣେ ବ୍ୟକ୍ତି ଦ୍ୱାରା ସମ୍ଭବ ନୁହେଁ। ଏଥିରେ ବହୁ ମୁଖ୍ୟମନ୍ତ୍ରୀଙ୍କ ଚର୍ତୁପାଶ୍ୱରେ ବୁଲୁଥିବା ଅଧିକାରୀ ଓ ରାଜନେତାମାନଙ୍କର ଷଡଯନ୍ତ୍ର ଯୋଗୁଁ ଏକ୍ଷତି ହୋଇଛି। ଏଥିପାଇଁ ଏହାର ପୂର୍ଣ୍ଣାଙ୍ଗ ତଦନ୍ତ ସିବିଆଇ ଦ୍ୱାରା କରାଯାଉ ଏବଂ ଏଇ ଦେଣନେଣ ଅର୍ଥ କାରବାରର ଇଡି ଯାଂଚ ହେଉ। ଇଡି ଦ୍ୱାରା ଯାଂଚ ହେଲେ ରାଜ୍ୟର ସ୍ୱାର୍ଥ ରକ୍ଷା ହେବ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମୁଖପାତ୍ର ରଶ୍ମି ମହାପାତ୍ର ଉପସ୍ଥିତ ଥିଲେ।




# ଟି ଟାଇମ୍



## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କିନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଚେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ଐସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ୍ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟୁରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଳ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୁମଧାମରେ ପାଳନ କରାଯାଏ ।

## ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଗୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା’ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ “ଦି ଇଣ୍ଟରଭ୍ୟୁ ଟାଇମ୍ସ” ପରିବାର ତରଫରୁ ସମ୍ମାନଜନକ “ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି” ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସ୍ୱତନ୍ତ୍ର ସଂଖ୍ୟା “ଭିଜନ୍ ଅଫ୍ ଓଡ଼ିଶା-୨୦୧୯” ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୂଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ**
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ**
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ**
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ**
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ**
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା**
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା**
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା**
ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ**
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର**
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ**
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ**
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ବିବାହ ଏକ ସାମାଜିକ ରାଜିନାମା






ପ୍ରଜନନ ଏବଂ ବଂଶରକ୍ଷା ଜୀବମାନଙ୍କର ଏକ ବିଶେଷ ଲକ୍ଷଣ। ତେବେ ଉଦ୍ଭିଦ ଏବଂ କେତେକ ପ୍ରାଣୀଙ୍କ କ୍ଷେତ୍ରରେ ପ୍ରଜନନ ଓ ବଂଶାନୁକ୍ରମିକ ବା ଉତ୍ତରାଧିକରଣ ପ୍ରକ୍ରିୟାରେ ଭିନ୍ନତା ପରିଲିଖିତ ହୁଏ। ଏଥିପାଇଁ ଜଳ, ବାୟୁ, କୀଟ ପତଙ୍ଗ ମାଧ୍ୟମରେ ସଂଗମ ଦ୍ୱାରା ଅଥବା କାଣ୍ଡ, ପତ୍ର, ମୂଳ ବା ମଞ୍ଜିଦ୍ୱାରା ବଂଶରକ୍ଷା ସମ୍ଭବ ହୋଇଥାଏ। କେତେକ ପ୍ରାଣୀର ଦେହାବଶେଷ ବା ଅଙ୍ଗବିଶେଷ ଦ୍ୱାରା ବଂଶ ବୃଦ୍ଧି ଘଟିଥାଏ। କେତେକ ପକ୍ଷୀ ଅଣ୍ଡାଦେଇ ନିଜେ ଫୁଟାଇ ଶାବକ ସୃଷ୍ଟି କଲାବେଳେ, ଆଉ କେତେକ ଅଣ୍ଡା ଫୁଟାଇବା ପାଇଁ ଅନ୍ୟ କାହା ଉପରେ ନିର୍ଭର କରିଥାନ୍ତି। ଏମିତି ପ୍ରାଣୀ ବା ଉଦ୍‌ଭିଦମାନେ ବଂଶାନୁକ୍ରମିକ ଗଡ଼ାଇ ଚାଲନ୍ତି।

ମଣିଷ ଏକ ସାମାଜିକ ପ୍ରାଣୀ। ସମାଜରେ ଜନ୍ମନେବା, ବଢ଼ିବା ଏବଂ ବଂଚିବା ତା'ର ସହଜାତ ପ୍ରବୃତି। ସେ କେବେ ବି ସ୍ୱୟଂ ସଂପୂର୍ଣ୍ଣ ନୁହେଁ। ତା'ର ଶୈଶବରେ ବଂଚିବାର ସହୟତା ଯେମିତି ଅଛି, ତା



ବାର୍ଦ୍ଧକ୍ୟରେ ମଧ୍ୟ ସେହି ସହାୟତାର ଜରୁରତ୍ ଅଛି। ଏଥିପାଇଁ ପାରିବାରିକ ଏବଂ ସାମାଜିକ ଦୃଷ୍ଟିକୋଣରୁ ବଂଚିବାରେ ଏବଂ ସୃଷ୍ଟିରେ ସହଯୋଗ ଓ ସହାୟତାର ଆବଶ୍ୟକତା ଅଛି। ଏମିତିରେ ବଂଚିବାରେ ଏକ ସାମାଜିକ ଶୃଙ୍ଖଳ ଅଛି। ପରସ୍ପର ସହଯୋଗରେ ଯେଉଁଠି ମଣିଷ ବଂଚେ, ତାହାହିଁ ପରିବାର। ପରିବାର ହିଁ ସୃଜନ ଏବଂ ବଂଶାନୁକ୍ରମିକ ଚାଲୁରଖିବାର ପ୍ରଧାନ କେନ୍ଦ୍ର। ସମସ୍ତ ଲୋକ ଯେଉଁଠି ଶୃଙ୍ଖଳାତାର ସହ ଚଳପ୍ରଚଳ ହୁଅନ୍ତି, ତାହାହିଁ ସମାଜ। ସମାଜ ଓ ବ୍ୟକ୍ତି ପରସ୍ପର ପରିପୂରକ। ସମାଜବ୍ୟକ୍ତି ପାଇଁ ଦର୍ପଣ। ସମାଜ ଭିତରେ ବ୍ୟକ୍ତିଟିଏ ଆତ୍ମ ପ୍ରକାଶ କରେ। ଅନ୍ୟପକ୍ଷରେ ବ୍ୟକ୍ତି ନଥିଲେ ସମାଜ ନାହିଁ।

ବିବାହ ଏକ ସାମାଜିକ ବନ୍ଧନ ଏବଂ ଆବଶ୍ୟକତା। ସାମାଜିକ ବନ୍ଧନରୁ ପରିବାରଟିଏ ସୃଷ୍ଟି। ବିବାହର ଅନ୍ୟନାମ ଏକ ସାମାଜିକ ସ୍ୱକୃତି ବା ରାଜିନାମା (କୋକ ନଟ ବଣ୍ଡ)। ଏ ରାଜିନାମା ଦାମ୍ପତ୍ୟ ବା ଶାରୀରିକ ପ୍ରେମ ଅପେକ୍ଷା ସୃଜନ ସୁଖ ପାଇଁ ଅଧିକ ଉଦ୍ଦିଷ୍ଟ। ଭାରତୀୟ ସଭ୍ୟତାର ଏକ ଶୃଙ୍ଖଳିତ ପାରିବାରିକ ଓ ସାମାଜିକ ଜୀବନପାଇଁ ଏହା ଏକ ଜୀବନବ୍ୟାପୀ ବା ଦୀର୍ଘସ୍ଥାୟୀ ବ୍ୟବସ୍ଥା। ଏପରି ସ୍ଥଳେ, ଏ ବ୍ୟବସ୍ଥାରେ ପ୍ରେମୀଯୁଗଳ ବା ଦାମ୍ପତ୍ୟଜୀବନ ଯାପନ କରିବାକୁ ଯାଉଥିବା ଯୁବକ ବା ଯୁବତୀ ବନ୍ଧନପୂର୍ବରୁ ନିଜେ ସ୍ଥିର ନିଶ୍ଚିତ ହୁଅନ୍ତୁ ଅଥବା ତାଙ୍କ ପିତାମାତାମାନେ ସ୍ଥିର ନିଶ୍ଚିତ କରାନ୍ତୁ ଯେ ଏ ବନ୍ଧନ ମଧୁମୟ ହେବ। ଏକଥା ଜାଣିବା ଉଚିତ୍ ଯେ ବିବାହ କେବଳ ପ୍ରେମ ସର୍ବସ୍ୱ ନୁହେଁ। ଏଥିରେ ଜନିତା ଯତ୍ନ, ବାତ୍ସଲ୍ୟ ମମତା ଠାରୁ ଆରମ୍ଭ କରି ଯାବତୀୟ ରସ ଓ ସୁଖ ଭରି ରହିଛି। ପାର୍ଥୀବ ଜୀବନରେ ଏହା ସବୁର ଉର୍ଦ୍ଧ୍ୱରେ।

ଅନେକ ସମୟରେ ଯୌବନେ ମର୍କଟୀ/ମର୍କଟ ସୁନ୍ଦର ପରି ସାମୟିକ ବୟସର ମୋହରେ ଯେଉଁ ତ୍ରୁଟି ହୁଏ, ସେଥିପାଇଁ ସାରାଜୀବନ ପସ୍ତେଇବାକୁ ପଡ଼େ। ପର ମୁହୂର୍ତ୍ତରେ ଛାଡ଼ପତ୍ର, ଆତ୍ମହତ୍ୟା ବା ବଧୂ ନିର୍ଯ୍ୟାତନା ପରି ଅନେକ ଦୁଃଖଦ କଥା ଘଟିଥାଏ। ସେଇଥିପାଇଁ କୁହାଯାଏ ବିବାହର ଏକ ପିଲାଖେଳ ନୁହେଁ। ଏଥିପାଇଁ ଉଭୟ ପରିବାରକୁ ସୁସ୍ଥ ମସ୍ତିଷ୍କରେ ନିଷ୍ପତ୍ତି ନେବାକୁ ହୁଏ।

ଏବେ ଭିନ୍ନ ଶୈଳୀର ବିବାହ ନକରି ଦାମ୍ପତ୍ୟ ଜୀବନ କଟାଇବାର ଦେଖାଯାଏ ଯାହାର ଭିନ୍ନ ନାମ ଲିଭ୍-ଇନ୍-ରିଲେସନ୍। ଏହା ଏକ ସାମାଜିକ ସ୍ୱୀକୃତିନାମା ନଥିବା ହେତୁ, ଏହିପରି ଜୀବନଯାପନ ପାଇଁ ଭାରତର ପିଙ୍ଗଳକୋର୍ଟରେ ସ୍ୱତନ୍ତ୍ର ନିୟମ ବା ସର୍ତ୍ତ ଅଛି। ତେବେ ଏପରି ସଂପର୍କକୁ ଏକ ସୃଷ୍ଟିଛଡ଼ା ଜୀବନ କୁହନ୍ତି ଯେଉଁଥିପାଇଁ ଭବିଷ୍ୟତରେ କେହି ପଛକୁ ନଥାନ୍ତି ଏବଂ ଅଧିକ ଥାଏ ହତାଶା ଭାବ। ଏଥିରେ ଛାଡ଼ପତ୍ର ଓ କଳହ ଅନେକ। ଏହା ଏକ ଦୁଃଶ୍ଚିନ୍ତାର ଘର। ଏଥିରେ ଭବିଷ୍ୟପିଢ଼ୀ ରହିଯାଆନ୍ତି ଅନ୍ଧକାର।

ବିବାହ ଏକ ସାମାଜିକ ସ୍ୱୀକୃତି ନାମା ହେତୁ ପ୍ରାଶ୍ଚାତ୍ୟ ରାଷ୍ଟ୍ରମାନଙ୍କରେ ଏହାର ଏକ ସ୍ୱଳ୍ପ ବା ଦୀର୍ଘ ସ୍ଥାୟୀ ବ୍ୟବସ୍ଥା ଥିଲାବେଳେ ଭାରତପରି କେତେକ ଦେଶରେ ଏହା ଏକ ଆମରଣ ବା ଚିରନ୍ତନୀ ବ୍ୟବସ୍ଥା। ଏହା ନିଶ୍ଚିତ ଭାବରେ ସବୁଦିନ ପାଇଁ ଦୁଃଖ ସୁଖର ଏକ ସହଭାଜନ ପ୍ରକ୍ରିୟା। ଅବଶ୍ୟ ସ୍ଥାନୀୟ ପରମ୍ପରା ବା ଚଳଣି ନେଇ ପୁରୁଷ ଓ ସ୍ତ୍ରୀ ମଧ୍ୟରେ ବୟସର ପାର୍ଥକ୍ୟ ରହିଛି। କେଉଁଠି ପୁରୁଷ ବୟସ ଅଧିକ ତ, କେଉଁଠି ନାରୀର ବୟସ ଅଧିକ ରହିଛି। କେଉଁଠି ଏକାଧିକ ପତିର ବ୍ୟବସ୍ଥା ଅଛିତ, କେଉଁଠି ଏକାଧିକ ପତ୍ନୀର ବ୍ୟବସ୍ଥା ଅଛି। ତେବେ ଏ ସମସ୍ତେ ସାମାଜିକ ସ୍ୱୀକୃତିନାମା ଅନ୍ତର୍ଭୁକ୍ତ।

ବିବାହ ବନ୍ଧନରେ ଆବଦ୍ଧ ନଥିବା ବ୍ୟକ୍ତି ହୋଇପାରନ୍ତି ନପୁଂସକ। ତଥାପି ସମଲିଙ୍ଗୀ ବିବାହ ଅଛି। ଅନେକ ବ୍ରହ୍ମଚାରୀ, ସାଧୁ ବା ସନ୍ଥନାଁରେ ବହୁ ସମ୍ଭୋଗୀ। ଏଥିପାଇଁ ଆଜିର ବାବାମାନେ ସମାଲୋଚିତ। ସଂସାର ଭିତରେ ରହି ଧର୍ମଚର୍ଚ୍ଚାହିଁ ପ୍ରକୃଷ୍ଟପନ୍ଥା ବିବାହଭିନ୍ନ ଭିନ୍ନ ଜୀବନ ପ ସହ ସମାନ।

**ବିପିନବିହାରୀ ମହାନ୍ତି**

*-ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮*

# ଓଡ଼ିଶାରେ ବଦଳିବ କି ବିଜେପି ରାଜନୀତିର ଦିଗ !



ଦେଶର ପ୍ରାୟ ୩୦ ଭାଗ ଖଣିଜ ସଂପଦ ଓଡ଼ିଶାରେ ରହିଛି। ଖଣିଜ ସଂପଦ ପାଇଁ ଆମ ଦେଶ ଓ ବିଦେଶ ଆମ ରାଜ୍ୟ ଉପରେ ନିର୍ଭର କରନ୍ତି। ଓଡ଼ିଶାରେ ବ୍ୟାପକ ପର୍ଯ୍ୟଟନ ଶିଳ୍ପର ସୁଯୋଗ ରହିଥିବା ବେଳେ ପର୍ଯ୍ୟାପ୍ତ ଜଙ୍ଗଲ ସଂପଦ, ମତ୍ସ୍ୟ ସଂପଦ, ଜଳ ସଂପଦ ଓ ଶହେଭାଗ ଉର୍ବର ଚାଷ ଜମି ରହିଛି। ରାଜ୍ୟରେ ବୌଦ୍ଧିକ ସଂପଦ ଓ ପ୍ରତିଭାର ଅଭାବ ନାହିଁ। ରାଜ୍ୟରେ ଥିବା ୪୮୦ କି.ମି. ସୁଦୀର୍ଘ ମନୋରମ ସମୁଦ୍ର ଉପକୂଳ ଓ ଏସିଆ ମହାଦେଶର ସର୍ବ ବୃହତ ଲବଣାକ୍ତ ହ୍ରଦ ଚିଲିକା ରାଜ୍ୟର ଗୌରବ ବହନ କରୁଛି। ବିଶ୍ୱ ବିଖ୍ୟାତ ଭିତରକନିକା ଅଭୟାରଣ୍ୟ, ଦୁର୍ଲଭ ଅଲିଭ୍ ରିଡ୍‌ଲେ କଇଁଛ ମାନଙ୍କ ଏକୁଟିଆଶାଳ, କୁମ୍ଭୀର ପ୍ରଜନନ କେନ୍ଦ୍ର, ବିଶାଳ ସାମୁଦ୍ରିକ ଅଭୟାରଣ୍ୟ, ହେନ୍ତାଳ ବଣ ଆଦି ଓଡ଼ିଶାର ଗର୍ବ ଓ ଗୌରବ। ସେହିପରି ଓଡ଼ିଶା ଭାରତର ସବୁଠୁ ପଛୁଆ ଓ ଅବହେଳିତ ରାଜ୍ୟ। ଦାରିଦ୍ର୍ୟର ଉତ୍ପାତ ବେଶୀ। ଅଧିକାଂଶ ଶିଶୁ ପୁଷ୍ଟିହୀନତାର ଶିକାର। ଶିଶୁ ଓ ମାତୃ ମୃତ୍ୟୁହାର ସର୍ବାଧିକ ଇତ୍ୟାଦି। ନବୀନ ବାବୁ ୫ ଥର ମୁଖ୍ୟମନ୍ତ୍ରୀ ଆସନରେ ବସି ଲଗାତାର ୨୦ ବର୍ଷ ଧରି ଓଡ଼ିଶା ଶାସନ କରି ଆସୁଛନ୍ତି। ହେଲେ ଏହି ଲମ୍ବା ସମୟ ମଧ୍ୟରେ ଓଡ଼ିଶାରେ ସେଭଳି କିଛି ବିକାଶ ହୋଇନଥିବା ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି।

ବାସ୍ତବରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ବା ରାଜ୍ୟ ନେତୃତ୍ୱର ଅପାରଗତା ଯୋଗୁ ରାଜ୍ୟର ବିକାଶ ଆଶାନୁରୂପ ଆଗେଇପାରୁନାହିଁ। ଓଡ଼ିଶାର ଗରିବ ଲୋକମାନଙ୍କର ଜୀବନ ଯନ୍ତ୍ରଣାକୁ ପ୍ରଶାସନ ହୁଏତ ବୁଝିପାରୁନାହିଁ। ଗରିବ ଲୋକର ଉନ୍ନତି ପାଇଁ ସେମିତି କିଛି ସଶକ୍ତ ଯୋଜନା କରାଯାଉନାହିଁ କି କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର ଠିକ୍ ଭାବେ ଲୋକଙ୍କ ପାଖରେ ପହଂଚାଉ ନଥିବା ବାରମ୍ବାର ଅଭିଯୋଗ ହେଉଛି। ଖଣି, ପାଣି, କୋଇଲା ମହାଦୁର୍ନୀତି ଓ ଚିଟଫଣ୍ଡ ଠକେଇ, ଦାନ ମାଝୀ, ନଗଡ଼ା, ମାଲକାନଗିରି ଓ କଟକ ଶିଶୁ ମୃତ୍ୟୁ ଘଟଣା ଓଡ଼ିଶାର ଭାବମୂର୍ତ୍ତିରେ ଆଂଚ ଆଣିଥିବା କୁହାଯାଇପାରେ। ଓଡ଼ିଶାର ବିକାଶ କେମିତି ଚାଲିଛି, ଏସବୁ ତା'ର ଉଦାହରଣ ମାତ୍ର। ସାତ ବର୍ଷ ତଳେ ନରେନ୍ଦ୍ର ମୋଦିଙ୍କ ସରକାର କେନ୍ଦ୍ରୀୟ ଶାସନ ଦାୟିତ୍ୱ ନେବା ପରଠାରୁ ଓଡ଼ିଶାର ବିକାଶ ପାଇଁ କେନ୍ଦ୍ର ସରକାର ଦୃଷ୍ଟି ଦେବା ଆରମ୍ଭ କରିଥିଲେ। ଉପା ସରକାର ତୁଳନାରେ ମୋଦିଙ୍କ ନେତୃତ୍ୱାଧୀନ ଏନଡ଼ିଏ ସରକାର ଅନେକ ଗୁଣ ଅନୁଦାନ ଦେଉଛନ୍ତି ଓଡ଼ିଶାକୁ। ମୋଦି ସରକାର ଆସିବା ପରେ ଓଡ଼ିଶାର ବିକାଶ ପାଇଁ ହଜାର ହଜାର କୋଟି ଟଙ୍କା ଆସୁଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଦୀନ ଦୟାଲ୍ ଉପାଧ୍ୟାୟ ଅନ୍ତ୍ୟୋଦୟ ଯୋଜନା, ମନରେଗା ଯୋଜନା, ଶ୍ୟାମା ପ୍ରସାଦ ମୁଖାର୍ଜୀ ମିସନ୍, ଉଜ୍ଜ୍ୱଳ ଯୋଜନା, ଗ୍ରାମାଂଚଳରେ ବିଜୁଳି ସଂଯୋଗ, ଦୀନ ଦୟାଲ୍ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି ଯୋଜନା ଆଦିରେ ପର୍ଯ୍ୟାପ୍ତ ଅନୁଦାନ ଆସିଛି। ୬୦% ରୁ ଅଧିକ ଗାଁରେ ଶୌଚାଳୟ ନିର୍ମିତ ହୋଇଛି। କୋଇଲା ବଂଟନ କ୍ଷେତ୍ରରେ ନିୟମ ପରିବର୍ତ୍ତନ ଯୋଗୁ ରାଜ୍ୟକୁ ବହୁ ଅଧିକ ରାଜସ୍ୱ ମିଳିବାର ସୁଯୋଗ ସୃଷ୍ଟି ହୋଇଛି। ବ୍ରହ୍ମପୁରରେ ଆଇଜର ଓ ସମ୍ବଲପୁରରେ ଆଇଆଇଏମ୍ ପ୍ରତିଷ୍ଠା ହୋଇଛି। କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ଏମ୍‌ସିଏଲ୍ ଦ୍ୱାରା ତାଳଚେର ଓ ଏନ୍‌ଟିପିସି ଦ୍ୱାରା ସୁନ୍ଦରଗଡ଼ରେ ମେଡ଼ିକାଲ୍ କଲେଜ ପ୍ରତିଷ୍ଠା ହେବ। ସେହିପରି ୬୦%ରୁ ଊର୍ଦ୍ଧ୍ୱ ଘରେ ରୋଷେଇ ଗ୍ୟାସ୍ ପହଂଚାଯାଇଛି।

ଓଡ଼ିଶାରୁ ବିଜେପିର ୮ଜଣ ଲୋକସଭାକୁ ଯାଇଛନ୍ତି। ପ୍ରଥମେ ୨ଜଣ ଓଡ଼ିଆ କେନ୍ଦ୍ରୀୟ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଥିଲେ (ଧର୍ମେନ୍ଦ୍ର ପ୍ରଧାନ, ମଧ୍ୟପ୍ରଦେଶରୁ ରାଜ୍ୟସଭା ସଦସ୍ୟ) ଏବଂ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ। ମାତ୍ର କିଛିଦିନ ତଳେ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କୁ ମନ୍ତ୍ରୀମଣ୍ଡଳରୁ ଅପସାରଣ କରାଯାଇ ତାଙ୍କ ସ୍ଥାନରେ ବିଶେଶ୍ୱର ଟୁଡୁଙ୍କୁ ରାଷ୍ଟ୍ରମନ୍ତ୍ରୀ ପଦ ଦିଆଯାଇଛି। ଏହାଫଳରେ ଓଡ଼ିଶାରେ ଭାଜପାର ସ୍ଥିତି କେତେ ମଜଭୁତ ହେବ, ତାହା ଭବିଷ୍ୟତ କହିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଦେଶବାସୀଙ୍କୁ ମୁଗ୍ଧ କରିଛି। ବାସ୍ତବତା ଦେଖାଗଲେ, ଓଡ଼ିଶାର ଅର୍ଦ୍ଧାଧିକ ମତଦାତା ଭିତିରିଆ ବିଜେପି ସମର୍ଥକ। କିନ୍ତୁ ଓଡ଼ିଶା ବିଧାନସଭା ନିର୍ବାଚନରେ ବିଜେପି ସଫଳ ହୋଇପାରୁନାହିଁ। ମୋଦିଙ୍କ ହାୱା ସତ୍ତ୍ୱେ ୨୦୧୪ ଓ ୨୦୧୯ ବିଧାନସଭା ନିର୍ବାଚନରେ ବିଜେପି କାହିଁକି ବିଫଳ ହେଲା, ସେଥିନେଇ ବିଜେପି ସମର୍ଥକମାନଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବିଜେପି କ୍ଷମତା ଦଖଲ ପାଇଁ କ'ଣ ସେଭଳି ଉଦ୍ୟମ କରୁନାହିଁ?.... ବିଜେପି ଅନେକ ବିକାଶମୂଳକ କାର୍ଯ୍ୟ କରିବା ସହ ବହୁ ଉନ୍ନୟନ ଯୋଜନା ହାତକୁ ନେଇଥିଲେ ହେଁ ମତଦାତାମାନେ ବିଜେପି ପ୍ରତି କାହିଁକି ସେତେଟା ଆକର୍ଷିତ ହେଉନାହାନ୍ତି?... ତେବେ ଭୋଟ୍ ପରିଚାଳନାଗତ ତ୍ରୁଟି ଯୋଗୁ ଯୁବଗୋଷ୍ଠୀର ଭୋଟ ଅତି ସହଜରେ ବିଜେଡ଼ି ଅକ୍ତିଆରକୁ ଚାଲିଯାଉଛି ବୋଲି ରାଜନୀତିକ ସମୀକ୍ଷକମାନେ ମତ ଦେଇ ଆସୁଛନ୍ତି। ଅନ୍ୟ ପକ୍ଷରେ ଦଳର କିଛି ଖାସ୍ ସମର୍ଥକ ଓ ଶୁଭେଚ୍ଛୁଙ୍କୁ ଗୁରୁତ୍ୱ ଦିଆଯାଉନାହିଁ କି?.... ବିଜେଡ଼ି ବିରୋଧରେ ଗଦା ଗଦା ଅଭିଯୋଗ ଥାଇ ମଧ୍ୟ ବିଜେପି ଫେଲ୍ ମାରିବା ଆଶ୍ଚର୍ଯ୍ୟର କଥା।

ଗତ ସାଧାରଣ ନିର୍ବାଚନ ପୂର୍ବରୁ ବିଜେପି ଦଳ ଓ ବିଜେପି ସରକାରଙ୍କ ଦ୍ୱାରା କୋଟିକୋଟି ଟଙ୍କାର ବିଜ୍ଞାପନ ଦିଆଯାଇ ହୁଏତ ମତଦାତାଙ୍କୁ ବିଜେପି ପ୍ରତି ଆକର୍ଷିତ ପାଇଁ ଚେଷ୍ଟା କରାଯାଇଥିଲା। ଅନ୍ୟପକ୍ଷରେ ଉଦ୍ଦେଶ୍ୟମୂଳକ ଭାବେ କିଛି ଗଣମାଧ୍ୟମକୁ ବିଜ୍ଞାପନ ଦିଆଯାଇନଥିବା ଅଭିଯୋଗ ହୋଇଥିଲା। ସେ ଯାହାହେଉ ଓଡ଼ିଶାରେ ବିଜେପିର ନେତୃତ୍ୱ ନେଉଥିବା ନେତାମାନେ ସଫଳ ହୋଇପାରି ନ ଥିଲେ। ରାଜନୀତିକ ଜ୍ଞାନରେ ନିପୁଣ ଓ ଲୋକପ୍ରିୟ ନେତାମାନେ ଦଳକୁ ମଜଭୁତ କରିବାର ଆବଶ୍ୟକତା ରହିଛି।

୨୦୧୯ ମସିହା ମଇ ୩୦ ତାରିଖରେ ନରେନ୍ଦ୍ର ମୋଦି ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ସଂସଦର ପ୍ରଥମ ଅଧିବେଶନ ବେଳେ ଧନ୍ୟବାଦ୍ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। କେତେକ ବିଜୟୀ ସାଂସଦ ଧନ୍ୟବାଦ୍ ପ୍ରସ୍ତାବ ଉପରେ ନିଜ ନିଜର ଭାଷଣ ଦେଲେ। ଯେତେବେଳେ ଓଡ଼ିଶାର ନବନିର୍ବାଚିତ ସାଂସଦ ପ୍ରତାପ ଷଡ଼ଙ୍ଗୀ (ନନା) ନିଜର ଅଭିଭାଷଣ ପାଇଁ ମଂଚକୁ ଆସିଲେ, ଉପସ୍ଥିତ ନେତାମାନେ ଏପରିକି ଓଡ଼ିଶାର ଅଧିକାଂଶ ଲୋକେ ମଧ୍ୟ ତାଙ୍କର ଭାଷଣ ପ୍ରତିଭା ସଂପର୍କରେ ଜାଣିନଥିଲେ। ମାତ୍ର ତାଙ୍କର ଇଂରାଜୀ, ହିନ୍ଦି, ଓଡ଼ିଆ, ବଙ୍ଗଳା ଓ ସଂସ୍କୃତ ଭଳି ୫ଟି ଭାଷାରେ ଓଜସ୍ୱିନୀ ଭାଷଣ ସମସ୍ତଙ୍କୁ ଅଭିଭୂତ କରିଦେଇଥିଲା। ସେ ନିଜ ଭାଷଣରେ ଏପରି ପ୍ରସଙ୍ଗ ଉଠାଇଥିଲେ, ଯାହା ଶୁଣି ପ୍ରଧାନମନ୍ତ୍ରୀ ମୋଦିଙ୍କ ସମେତ ଉପସ୍ଥିତ ସମସ୍ତେ ଅତ୍ୟନ୍ତ ଖୁସି ହୋଇଥିଲେ। ବାସ୍ତବରେ କେବଳ ସେ ଜଣେ ସଫଳ ରାଜନେତା କି ସୁସଂଗଠକ ନୁହନ୍ତି, ବରଂ ସେ ପ୍ରବଚନ ଜଗତ ପାଇଁ ଜଣେ ଜ୍ଞାନୀ ଓ ଧୂରୀଣ ବ୍ୟକ୍ତି ବୋଲି ଜଣାପଡ଼ିଥିଲା।

ବାସ୍ତବତା ଦେଖାଗଲେ, ବିଜେପିରେ ବହୁ ଜ୍ଞାନୀଗୁଣୀ ତଥା ପ୍ରଚଣ୍ଡ ରାଜନୀତିକ ଜ୍ଞାନର ଅଧିକାରୀ ନେତାମାନେ ଅଛନ୍ତି। ଏହିଦୃଷ୍ଟିରୁ ଓଡ଼ିଶାରେ ବିଜେପି ହୁଏତ ଶାସନ ଗାଦିକୁ ଆସିବା ଏତେ କଷ୍ଟସାଧ୍ୟ ନୁହେଁ। ମାତ୍ର ବିଜେପି ପାଇଁ ରାଜନୀତିକ ଜ୍ଞାନରେ ନିପୁଣ ତଥା ଦୃଢ ନେତୃତ୍ୱର ଆବଶ୍ୟକତା ରହିଥିବା ବିଭିନ୍ନ ମହଲରେ ମତପ୍ରକାଶ ପାଉଛି। ଅନ୍ୟଥା ଓଡ଼ିଶାରେ ବିଜେପି ଡ଼ଙ୍ଗା ବୁଡ଼ି ନଯାଉ ବୋଲି ଚର୍ଚ୍ଚା ହୋଇ ଆସୁଛି। ଓଡ଼ିଶାରେ ବିଜେପି ଧୀରେ ଧୀରେ ଆଗକୁ ମାଡ଼ି ଚାଲିଥିଲେ ମଧ୍ୟ ଦୃଢ ନେତୃତ୍ୱ ଅଭାବରୁ ଦଳ ମଜଭୁତ ହୋଇ ପାରୁନଥିବା ଦେଖାଯାଉଛି। ଓଡ଼ିଶା ବିଜେପିର ଅନେକ ନେତା ମଧ୍ୟ ଜାତୀୟ ରାଜନୀତି କ୍ଷେତ୍ରରେ ନିଜ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିନେଲେଣି। ତେବେ ଦଳୀୟ ସଭାପତି ସମୀର ମହାନ୍ତିଙ୍କ ଭଳି ବିଜେପିର କେତେକ ଆଗ ଧାଡ଼ିର ତୁଙ୍ଗ ନେତା ମଧ୍ୟ ନିଜ ନିଜର ପ୍ରଚଣ୍ଡ ରାଜନୀତିକ କରିସ୍ମା ବଳରେ ସାଧାରଣ ଲୋକଙ୍କ ନିକଟତର ହେବାରେ ଲାଗିଛନ୍ତି। ଦଳୀୟ ନେତାମାନଙ୍କର ନିଷ୍ଠାପର କାର୍ଯ୍ୟ ରାଜ୍ୟରେ ବିଜେପି ସଂଗଠନକୁ ମଜଭୁତ କରାଇବାରେ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ। ହୁଏତ ଆସନ୍ତା ନିର୍ବାଚନରେ ସାରା ଓଡ଼ିଶାକୁ ପଦ୍ମରେ ସଜେଇ ଭାଜପା ଇତିହାସ ରଚିବା ଅସମ୍ଭବ ନୁହେଁ।

**ଶରତ କୁମାର ରାଉତ,** ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮

## ବିରଜାଦେବୀଙ୍କ ସ୍ୱନକ୍ଷତ୍ର ଓ ଯଜ୍ଞପ୍ରଭାର ଲୋକାର୍ପଣ ଉତ୍ସବ ପାଳିତ



ଯାଜପୁର (ପିଏନ୍): ମାଘ ମାସ ତ୍ରିବେଣୀ ଅମାବାସ୍ୟା ଦିବସର ଶୁଭ ଅବସରରେ କ୍ଷେତ୍ରେଶ୍ୱରୀ ବିରଜାଦେବୀଙ୍କର ପବିତ୍ର ସ୍ୱନକ୍ଷତ୍ର ଉତ୍ସବ ଯାଜପୁରସ୍ଥିତ ଗ୍ରୀନ୍ ଅକ୍ସଫୋର୍ଡ଼ ସ୍କୁଲ ପରିସରରେ ବିରଜା ସଂସ୍କୃତିକ ପ୍ରଚାର ସମିତି ଆନୁକୂଲ୍ୟରେ ମା'ବିରଜା ଟି.ଭି. ଓ ମା'ଟିଭି ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାଂସ୍କୃତିକ ମ ରେ ବରିଷ୍ଠ ସେବାୟତ ପଣ୍ଡିତ ସୁବାସ ଚନ୍ଦ୍ର ପାଣି ଓ ସଭାପତି ଦେବୀ ପ୍ରସାଦ ପାଣି ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପାର୍ଘ୍ୟ ଅର୍ପଣ କରି ଉତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ। ସମିତିର ସଂପାଦକ ତଥା ଯାଜପୁର ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ହରିହର ସ୍ୱାଇଁ ସ୍ୱାଗତଭାଷର ଓ ଅତିଥିପରିଚୟ ପ୍ରଦାନ କରିଥିଲେ। ବିଶିଷ୍ଟ ସାହିତ୍ୟିକ ଅଧିକାରୀ ନବକିଶୋର ଦାସ ଯଜ୍ଞପ୍ରଭା ପ୍ରତିକାର ୪୧ତମ ସଂଖ୍ୟାର ଶୁଭ ଉନ୍ମୋଚନ କରିଥିଲେ। ଡା. କୈଳାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏସ.ସୌରଂଜିତା, ତପନ କୁମାର ଜେନା ପ୍ରାରମ୍ଭିକ ସଙ୍ଗୀତ ଓ ମାତୃ ବନ୍ଦନା ଗାନ କରିଥିଲେ। ଏହି ଉତ୍ସବରେ କ୍ରାନ୍ତି କାମୋଦୀ କଲ୍‌କୀର ସଂପାଦକ ଶ୍ରୀ ଘନ ପରିଡ଼ା, ଅଧ୍ୟକ୍ଷ ଡା. ସତ୍ୟରଂଜନ ପତି, ପାଣ୍ଡବ ଚରଣ ସାହୁ, ସାର୍ ନଟବର ଦାସ, ପ୍ରଶାନ୍ତ କୁମାର ରାଉତରାୟ, ପ୍ରଭାତ କୁମାର ଦାସ, ତପନ କୁମାର ମହାରଣ୍ୟଶର୍ମା, ଶ୍ରୀ ଅଭିମନ୍ୟୁ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବିରଜା ସଂସ୍କୃତିର ପ୍ରାଚୀନତା ଓ ମହାନତା ବିଷୟରେ ବିଶଦ ଆଲୋଚନା କରିଥିଲେ। ଶ୍ରୀ ମୀନକେତନ ମା'ଙ୍କ ବନ୍ଦନା ଗାନ କରି ବକ୍ତବ୍ୟ ଦେଇଥିଲେ। ପରିଶେଷରେ ମା'ଟିଭିର ସଂପାଦକ ଅର୍ପଣ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ସରକାରଙ୍କ କଟକଣା ଅନୁଯାୟୀ ସୀମିତ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ବରିଷ୍ଠ ଡାକ୍ତର ଧନେଶ୍ୱର ସାହୁଙ୍କ ପରଲୋକ

ବାଙ୍କୀ (ପିଏନ୍)-ବାଙ୍କୀରେ ବରିଷ୍ଠ ଡାକ୍ତର ଧନେଶ୍ୱର ସାହୁଙ୍କର ହୃଦ୍‌ଘାତରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ସୂଚନା ଥାଉକି ଡାକ୍ତର ଧନେଶ୍ୱର ସାହୁ ବାଙ୍କୀରେ ଦୀର୍ଘଦିନ ଧରି ଲୋକଙ୍କର ସେବା କରି ଆସୁଥିବା ବେଳେ ସେ ବାଘମାରୀ, ବେଗୁନିଆ, ତୁଳସୀପୁର, ତାଳବସ୍ତ ଆଦି ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକମାନଙ୍କୁ ସେବା ଯୋଗାଉଥିଲେ। ଅବସର ପରେ ବାଙ୍କୀରେ ଏକ ଘରୋଇ କ୍ଲିନିକ୍ ମାଧ୍ୟମରେ ରୋଗୀମାନଙ୍କୁ ସେବା ଯୋଗାଉଥିଲେ। ତାଙ୍କର ବିୟୋଗରେ ବାଙ୍କୀ ଅ ଳରେ ଶୋକର ଛାୟା ଖେଳିଯାଇଥିବାବେଳେ ସେ ଏକା ସଂଗରେ ଜଣେ ସରଳ, ନିଷ୍କପଟ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ବେଶ ଜଣାଶୁଣା ଥିଲେ। ତାଙ୍କର ଧର୍ମପତ୍ନୀ ନିରୂପମା ସାହୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଓ ଏକମାତ୍ର ପୁତ୍ର ସୁନୀଲ କୁମାର ସାହୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ।

## ଗଣତନ୍ତ୍ରକୁ ବଜାରତନ୍ତ୍ରରେ ପରିବର୍ତ୍ତନକୁ ବିରୋଧ କରନ୍ତୁ: ନିରଞ୍ଜନ

ଭୁବନେଶ୍ୱର (ପିଏନ୍)-ଦୀର୍ଘ ୨୨ବର୍ଷ ଧରି ରାଜ୍ୟରେ ଏକମାତ୍ର ବ୍ୟକ୍ତି ମୁଖ୍ୟମନ୍ତ୍ରୀ ଅଛନ୍ତି। ମୁଖ୍ୟମନ୍ତ୍ରୀ ବାରମ୍ବାର ଏକନମ୍ବର କିନ୍ତୁ ରାଜ୍ୟ କାହିଁକି ସର୍ବଭାରତୀୟ ସ୍ତରରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ବ୍ୟବସ୍ଥା, ଆଇନକାନୁନ, ରୋଜଗାର, ଶିଶୁମୃତ୍ୟୁ ହାର, ମାତୃ ମୃତ୍ୟୁହାର ସବୁଠାରୁ ପଛଆଡୁ ପ୍ରଥମ। ୨୦୦୦ ମସିହାରୁ ୨୦୦୯ ମସିହା ପର୍ଯ୍ୟନ୍ତ ବିଜେଡ଼ି ଓ ବିଜେପି ଓଡ଼ିଶାର ଶାସନ ବ୍ୟବସ୍ଥାରେ ଥିଲେ। ଓଡ଼ିଶାବାସୀଙ୍କୁ ଯେଉଁ ଆଶା, ଭରଷା ଓ ବିଶ୍ୱାସ ଜନ୍ମାଇଥିଲେ ତାର କାଣିଚାଏ ମଧ୍ୟ ପୂରଣ କରାଯାଇ ନାହିଁ। ୨୦୦୯ ମସିହାରେ କୁହାଯାଇଥିଲା ରାଜ୍ୟରେ ପ୍ରତ୍ୟେକ ବ୍ଲକରେ ୩୫% ଜଳସେଚନ କରାଯିବ କିନ୍ତୁ ଆଜି ୨୨ ବର୍ଷପରେ ମଧ ମାତ୍ର ୧୮% ଜଳସେଚନ କରିବାରେ ସକ୍ଷମ ହୋଇନାହାନ୍ତି। ପ୍ରତିବର୍ଷ ଦୁଇଲକ୍ଷ ନିଯୁକ୍ତି ସୃଷ୍ଟି କରିବାର ଆଶା ଓ ବିଶ୍ୱାସ ବେରୋଜଗାର ଯୁବକ ଯୁବତୀ ମନରେ ସୃଷ୍ଟି କରାଯାଇଥିଲା। ୨୨ ବର୍ଷ ଭିତରେ ୪୪ ଲକ୍ଷ ନିଯୁକ୍ତି ସୃଷ୍ଟି କରାଯିବା କଥା; କିନ୍ତୁ ଆଜି ରାଜ୍ୟରେ ପାଖାପାଖି ୪୫ଲକ୍ଷ ଶିକ୍ଷିତ ଯୁବକ ଯୁବତୀ ନିଯୁକ୍ତି ଅପେକ୍ଷାରେ ରହିଛନ୍ତି। କୁହାଗଲା ଓଡ଼ିଶାରେ ପୁଂଜି ବିନିଯୋଗର ଅପାର ସୁଯୋଗ ରହିଛି ଏବଂ ରାଜ୍ୟବାସୀଙ୍କୁ ହିସାବ ଦିଆଗଲା ପାଖାପାଖି ୧୦ଲକ୍ଷ କୋଟିରୁ ଅଧିକ ପୁଂଜି ବିନିଯୋଗ ହୋଇଛି ବୋଲି, ତାହାହେଲେ କାହିଁକି ପ୍ରତ୍ୟକ୍ଷ ଓ ପରୋକ୍ଷ ରୋଜଗାର ସୃଷ୍ଟି ହୋଇପାରିଲା ନାହିଁ ଏହା ଏକ ବଡ଼ ପ୍ରଶ୍ନବାଚୀ। ଏ ରାଜ୍ୟରେ ମହିଳାମାନଙ୍କ ପ୍ରତି ନିର୍ଯ୍ୟାତନା ପ୍ରତିଦିନ ହୁ ହୁ ହୋଇ ବଢ଼ିଚାଲିଛି। ଶେଷରେ ଆମେ ଭାରତବର୍ଷରେ ଏକ ମୁଖ୍ୟ ନାରୀ ଅପରାଧ ପ୍ରବଣ ରାଜ୍ୟ ରୂପେ ପରିଗଣିତ କାହିଁକି? କୃଷକମାନଙ୍କର ଆୟକୁ ଦ୍ୱିଗୁଣା କରିବାର ଉଭୟ ବିଜେପି ଓ ବିଜେଡ଼ି ଏକ ସ୍ୱରରେ କହିଥିଲେ। ରାଜ୍ୟ ସରକାର କାଳିଆ ଯୋଜନା କଲେ କିନ୍ତୁ ଏ ରାଜ୍ୟର ୮୦ ଭାଗ ଜନସାଧାରଣ କୃଷକ ଓ କୃଷିକାର୍ଯ୍ୟ ସହିତ ଜଡ଼ିତ। ଆଜି ଧାନମଣ୍ଡିରେ କୃଷକ ଧାନବସ୍ତା ଦେଇ ଶୋଇଛି ମାସ ମାସ ଧରି। ଟୋକନ ଭୁବନେଶ୍ୱରରୁ ଆସିବ ବୋଲି ଅପେକ୍ଷା କରିଛି। ଆଜି ପର୍ଯ୍ୟନ୍ତ ତାର ଉତ୍ପାଦିତ ଧାନ ମଣ୍ଡିରୁ ଉଠିଲା ନାହିଁ। ମିଲରମାନଙ୍କ ସହିତ ରାଜ୍ୟ ସରକାରଙ୍କର କେଉଁ ଏକ ଅଘୋଷିତ ସଂପର୍କ ପାଇଁ ଆଜି ଚାଷୀ ଏବଂ ଚାଷୀ ପରିବାର କାନ୍ଦୁଛି। ସ୍କୁଲରେ ଶିକ୍ଷକ ନରଖିବା ଏ ଏକବର୍ଷର କଥା ନୁହେଁ। ବର୍ଷପରେ ବର୍ଷ ସମସ୍ତ ସରକାରୀ ସ୍କୁଲକୁ ୨୨ ବର୍ଷର ସରକାରଙ୍କର ନୀତି ଓ ନିଷ୍ପତି ଯୋଗୁଁ ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ସ୍ଥାଣୁ ପ୍ରାୟ। ଓଡ଼ିଶା ବିଜୁଳି ଉତ୍ପାଦନର ବଳକା ରାଜ୍ୟ ହୋଇଥିଲେ ମଧ ଏ ରାଜ୍ୟରେ ଖାଉଟିମାନଙ୍କୁ ଭାରତବର୍ଷରେ ସବୁଠାରୁ ଅଧିକ ଦାମ କାହିଁକି ନିଆଯାଉଛି। କେଉଁ ପୁଂଜିପତିମାନଙ୍କ ସ୍ୱାର୍ଥକୁ ଉଭୟ ସରକାର ଜଗିଛନ୍ତି? ଆଜି ଓଡ଼ିଶାର ୮ଟି ଆଦିବାସୀବହୁଳ ଜିଲ୍ଲା ଭାରତବର୍ଷର ସବୁଠାରୁ ପଛୁଆ ଜିଲ୍ଲା। ୨୨ ବର୍ଷ ପରେ ମଧ ଆଜି କାହିଁକି ଗର୍ଭବତୀ ମହିଳା ଖଟିଆରେ ବୁହାହେଉଛି ! ଆମ ସ୍ୱାସ୍ଥ୍ୟ ବ୍ୟବସ୍ଥା କେବଳ ସ୍ୱାସ୍ଥ୍ୟ କାର୍ଡ ବାଂଟିବାରେ ସୀମାବଦ୍ଧ କି? ଡାକ୍ତରଖାନାରେ ଡାକ୍ତରଙ୍କୁ ରଖିବା ନାହିଁ ନର୍ସଙ୍କୁ ରଖିବା ନାହିଁ, ନର୍ସ, ପାରାମେଡିକାଲ ଷ୍ଟାଫ ଏବଂ ବୈଷୟିକ ଜ୍ଞାନପ୍ରାପ୍ତ ବ୍ୟକ୍ତିବିଶେଷଙ୍କୁ ନିଯୁକ୍ତି ଦେବା ନାହିଁ କେବଳ ବିଭିନ୍ନ ଜିଲ୍ଲାରେ ସ୍ୱାସ୍ଥ୍ୟ କାର୍ଡ ବାଂଟିଲେ ଏ ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥା ସୁଦୃଢ଼ ହୋଇଯିବ କି? ୨୦୧୪ ମସିହା ପୂର୍ବରୁ କେନ୍ଦ୍ରରେ ବିଜେପି ସରକାର ଶାସନକୁ ଆସିବା ପାଇଁ ଭାରତବାସୀଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇଥିଲେ। ପ୍ରଥମେ କହିଥିଲେ କଳାଧନର ମୂଳ ଉତ୍ପାଟନ ହେବ କିନ୍ତୁ ଯେଉଁ କଳାଧନ କେତେ ଆସିଲା କେହି ଜାଣିଲେ ନାହିଁ କି ଜଣାଗଲାନାହିଁ। ଆଜି ଜିଏଷ୍ଟି, ବିମୁଦ୍ରିକରଣ ସରକାରଙ୍କର ଭୁଲ କୃଷି ନୀତି, ବୈଦେଶିକ ନୀତି ତଥା ଅର୍ଥନୀତିକୁ ପରିଚାଳନା କରିବାରେ ଦକ୍ଷତାର ଅଭାବ ଯୋଗୁଁ ଭାରତବର୍ଷ ବହୁ ପଛକୁ ଚାଲିଯାଉଛି। ଦୀର୍ଘ ୭ବର୍ଷ ଭିତରେ ଆଛେଦିନର ସ୍ୱପ୍ନ ଦେଖାଇଥିବା ସରକାର ଆଛେଦିନ କେବେ ଆସିବ କହିପାରୁନାହିଁ। ଜିନିଷପତ୍ରର ଦରଦାମ ହୁ ହୁ ହୋଇ ବଢ଼ିଚାଲିଛି, ବେରୋଜଗାରୀ ୪୫ ବର୍ଷରେ ଶୀର୍ଷ ଛୁଇଁସାରିଲାଣି। ୪.୫ କୋଟି ଲୋକମାନେ ମୋଦିଙ୍କ ସରକାରରେ ଗରିବ ସୀମାରେଖା ତଳକୁ ଚାଲିଯାଇଛନ୍ତି। ଯେଉଁମାନଙ୍କୁ କଂଗ୍ରେସ ସରକାର ୨୦୦୦-୧୪ ମଧ୍ୟରେ ସେମାନଙ୍କୁ ଗରିବ ସୀମାରେଖା ଉପରକୁ ଉଠାଇପାରିଥିଲେ। ପ୍ରଧାନମନ୍ତ୍ରୀ ମୋଦି ମହାଶୟ ଦେଶବାସୀଙ୍କୁ କହିଥିଲେ ପ୍ରତ୍ୟେକ ଭାରତୀୟ ବ୍ୟାଙ୍କ ଖାତାକୁ ୧୫ ଲକ୍ଷ ଆସିବ କିନ୍ତୁ ୧୫ ଟଙ୍କା ଆସିଲା ନାହିଁ, ଏହା କ'ଣ ଜୁମୁଲା ଥିଲା କି? କୃଷକମାନଙ୍କର ଆୟ ବହୁପରିମାଣରେ କମି ଯାଇଛି। ୬୬ ଲକ୍ଷ ଅଣୁ କ୍ଷୁଦ୍ର ଓ ମଧ୍ୟମ ଧରଣର ଉଦ୍ୟୋଗ ସଂପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି। ସମ୍ବିଧାନ ଓ ସାମ୍ବିଧାନିକ ଅନୁଷ୍ଠାନ ଉପରେ ବାରମ୍ବାର ଆକ୍ରମଣ କରାଯାଉଛି। ଉଗ୍ର ଜାତୀୟତାବାଦ ନାମରେ ଦେଶ ଭିତରେ ଭୟ ଓ ଅଶାନ୍ତିର ବାତାବରଣ ସୃଷ୍ଟି କରାଯାଉଛି। ଅର୍ଥ ବଳରେ ଯେନତେନ ପ୍ରକାରରେ ଲୋକମାନଙ୍କୁ ପ୍ରଲୋଭିତ କରି ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ହାତେଇବା ଆମ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ଏହି ପ୍ରକ୍ରିୟା ଯଦି ଚାଲୁ ରହେ, ତାହାହେଲେ ଅତି ଶୀଘ୍ର ଗଣତନ୍ତ୍ର ଦ୍ରୁତ ଅବକ୍ଷୟମୁଖୀ ହେବ ଏବଂ ଗଣତନ୍ତ୍ର ବଜାରତନ୍ତ୍ରରେ ପରିଣତ ହୋଇଯିବ। ଏଣୁ ମୋର ଓଡ଼ିଶାବାସୀଙ୍କୁ ବିନମ୍ର ନିବେଦନ ଆପଣମାନେ ଆସନ୍ତା ପଂଚାୟତ ନିର୍ବାଚନରେ ଏ ସମସ୍ତ ମୌଳିକ ପ୍ରଶ୍ନଗୁଡ଼ିକୁ ଉଭୟ ବିଜେଡ଼ି ଓ ବିଜେପି ଦଳର ନେତା, ମନ୍ତ୍ରୀ ଓ ପ୍ରାର୍ଥୀମାନଙ୍କୁ ପଚାରନ୍ତୁ ତଥା କଂଗ୍ରେସକୁ ଭୋଟ ଦେବାପାଇଁ ମୁଁ ଅନୁରୋଧ କରୁଛି। ଆସନ୍ତା ଦିନରେ ଏକ ସୁନ୍ଦର ଓଡ଼ିଶା ଗଠନ କରିବାରେ ଆପଣମାନଙ୍କ ସହଯୋଗ ଅପେକ୍ଷାରେ କଂଗ୍ରେସ।

# ମୋ ଓଡ଼ିଶା

## ଚାଷ ଓ ଚାଷୀ ସମସ୍ୟା ନେଇ କିଷାନ କଂଗ୍ରେସର ଆନ୍ଦୋଳନ ଡାକରା

ଭୁବନେଶ୍ୱର (ପିଏନ୍)- ଗଞ୍ଜାମ ଜିଲ୍ଲା ସମ୍ପୂର୍ଣ୍ଣ କୃଷି ଉପରେ ନିର୍ଭରଶୀଳ। କୃଷି କ୍ଷେତ୍ରରେ ବିକାଶ ହେଲେ ଜିଲ୍ଲାର କୃଷକଙ୍କ ଅର୍ଥନୈତିକ ବିକାଶ ହେବ। ଖୋଦ୍ ମୁଖ୍ୟମନ୍ତ୍ରୀ ଏହି ଜିଲ୍ଲାରୁ ପ୍ରତିନିଧିତ୍ୱ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ନିଜ ଭିଟାମାଟି ଛାଡ଼ି ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ଫସଲ ହାନୀ ଓ ଋଣବୋଝରେ ଚାଷୀ ଆତ୍ମହତ୍ୟା କରୁଛି। ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍। ପନିପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାରଟିଏ ନାହିଁ। ଚାଷୀ ତା'ର ଉତ୍ପାଦିତ ଫସଲର ଉପଯୁକ୍ତ ମୂଲ୍ୟ ପାଉନାହିଁ। ଫଳରେ ଏମ.ଏସ.ପି.ଠାରୁ କମ୍ ଦାମରେ ଧାନ ବିକ୍ରିକରି ବାରମ୍ବାର ଅଭାବୀ ବିକ୍ରିର ଶିକାର ହେଉଛି। ପୁରାତନ ଆସ୍କା ଚିନିକଳର ଦୁରାବସ୍ଥା କହିଲେ ନ ସରେ। କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଜିଲ୍ଲାର ୪୦ ପ୍ରତିଶତ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ସାରର ଅହେତୁକ ଅଭାବ ଓ ମୂଲ୍ୟବୃଦ୍ଧି, ଫସଲ ବୀମା କ୍ଷତିପୂରଣ ପାଇବାରେ ବହୁ ଚାଷୀ ବଞ୍ଚିତ ହେଉଛନ୍ତି। ଏହିସବୁ ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ଜିଲ୍ଲାର କୁକୁଡ଼ାଖଣ୍ଡି ବ୍ଲକ ବଉଳଝୋଲିଠାରେ ୫୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ନେଇ ଗତ ୨୫ ତାରିଖ ଦିନ ଜିଲ୍ଲାସ୍ତରୀୟ କିଷାନ ଚିନ୍ତନ ଶିବିର ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ବୃନ୍ଦାବନ ଖଟେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ସାନଖେମୁଣ୍ଡିର ବିଧାୟକ ରମେଶ ଜେନା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଥିବା ଚାଷୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିବା ପରେ କୃଷି ଓ କୃଷକଙ୍କ ବିକାଶ ପାଇଁ ସରକାରଙ୍କ ଯୋଜନା କେବଳ ପ୍ରଚାର ଓ ପ୍ରସାରସର୍ବସ୍ୱ ହୋଇଛି। ଉଭୟ ସରକାର ଚଳିତ ୨୦୨୨ ସୁଦ୍ଧା ଚାଷୀର ଆୟ ଦୁଇଗୁଣା ବୃଦ୍ଧି କରିବା ପାଇଁ ଦେଇଥିବା ପ୍ରତିଶ୍ରୁତି ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଚାଷୀ ସଂଗଠିତ ହୋଇ ଆନ୍ଦୋଳନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନୋଟି କଳା କୃଷି ଆଇନ ପ୍ରତ୍ୟାହାର କଲେ। ଆଜି ସେହିଭଳି ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକର ଚାଷୀମାନେ ଏକତ୍ରିତ ହୋଇ ଆନ୍ଦୋଳନକୁ ଓହ୍ଲାଇଲେ ଚାଷୀ ତାର ହକ୍ ନିଶ୍ଚୟ ପାଇପାରିବ ବୋଲି ସେମାନେ କହିଥିଲେ। ଆସନ୍ତା ନଭେମ୍ବର ୧୫ ତାରିଖ ସୁଦ୍ଧା ଜିଲ୍ଲାର ପ୍ରତି ବୁଥ୍, ପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତର ପର୍ଯ୍ୟନ୍ତ କିଷାନ କଂଗ୍ରେସ ସଂଗଠନକୁ ସକ୍ରିୟ କରାଯିବା ସହିତ ପ୍ରତି ବ୍ଲକସ୍ତରରେ କିଷାନ ଚିନ୍ତନ ଶିବିର ଆୟୋଜନ ଓ ଆସନ୍ତା ଡିସେମ୍ବର ମାସରେ ଉଭୟ ବିଜେପି ବିଜେଡ଼ି ସରକାରଙ୍କ ଚାଷୀମାରଣ ନୀତି ବିରୁଦ୍ଧରେ ବିଶାଳ ଚାଷୀ ସମାବେଶ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି ଓ ଏମ.ଏସ.ପି.ର ଆଇନଗତ ବ୍ୟବସ୍ଥା, କୃଷି ଇନପୁଟ୍ ସବସିଡ଼ିର ୨ଗୁଣା ବୃଦ୍ଧି, ପ୍ରତି ବ୍ଲକସ୍ତରରେ ଶୀତଳ ଭଣ୍ଡାର ନିର୍ମାଣ, ମହାନଗର ନିଗମ ଅଞ୍ଚଳରେ ଓମଫେଡ଼ ଭଳି ଭେଜଫେଡ ପ୍ରତିଷ୍ଠା, ଚାଷକାର୍ଯ୍ୟ ପାଇଁ ପ୍ରତି ବ୍ଲକରେ ୫୦ ପ୍ରତିଶତ ଜଳସେଚନ ବ୍ୟବସ୍ଥା, ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱ ଗ୍ରାମକୁ ଏକକ ୟୁନିଟ୍ ଭାବେ ଗ୍ରହଣ, ସମସ୍ତ ଚାଷୀଙ୍କୁ କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ଓ ବାର୍ଷିକ ୨୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ, ଆସ୍କା ଚିନିକାରଖାନାର ନୂତନ ରୂପାନ୍ତରିତ, ଜିଲ୍ଲାରେ ସୂତାକଳ ପ୍ରତିଷ୍ଠା, ଦାଦନ ଶ୍ରମିକ ରୋକିବା ପାଇଁ କୃଷି କ୍ଷେତ୍ରରେ ମନରେଗା କାର୍ଯ୍ୟକ୍ରମର ସଂପ୍ରସାରଣ ଓ କୃଷିଭିତ୍ତିକ ଶିଳ୍ପ ଓ ଖାଦ୍ୟ ପ୍ରକ୍ରିୟା ଓ ପ୍ରସ୍ତୁତିକରଣ ୟୁନିଟ୍ ସ୍ଥାପନ ଏବଂ ଗୋପାଳପୁରଠାରେ କିଆଫୁଲରୁ ଅତର ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ପାଇଁ କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଇଛି।

ସାରା ଭାରତବର୍ଷରେ ଚାଷୀ ଆଜି ଅସୁରକ୍ଷିତ। ବେକାରୀ ସମସ୍ୟା ବଢ଼ିଚାଲିଛି। ଆକାଶଛୁଆଁ ଦରଦାମ୍ ବୃଦ୍ଧି ସାଧାରଣ ଜନଜୀବନକୁ ବିପନ୍ନ କରିଛି। ସମ୍ବିଧାନ ଅସୁରକ୍ଷିତ। ଧର୍ମ ନାମରେ ଜାତିଆଣ ଭାବ ସୃଷ୍ଟି କରାଯାଉଛି। ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର ଭାରତବର୍ଷର ସାମଗ୍ରୀକ ବିକାଶ ପାଇଁ ଏବଂ ମୋଦି ସରକାରକୁ ଚେକ୍ ଦେବାପାଇଁ ଏ.ଆଇ.ସି.ସି.ର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ରାହୁଲ ଗାନ୍ଧୀ ଗତ ୭ ତାରିଖଠାରୁ ଯେଉଁ 'ଭାରତ ଯୋଡ଼' ଯାତ୍ରା ଜାରି ରଖିଛନ୍ତି, ଏଥିରେ ଦେଶର ସବୁ ବର୍ଗର ଲକ୍ଷ ଲକ୍ଷ ଲୋକ ସ୍ୱତଃପ୍ରବୃତ୍ତ ସମର୍ଥନ ଜଣାଉଛନ୍ତି। ଭାରତ ଯୋଡ଼ ଯାତ୍ରାର ସଫଳତା ପାଇଁ ଆସନ୍ତା ଅକ୍ଟୋବର ୩୧ ତାରିଖ ଦିନଠାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଦୀର୍ଘ ୨୨ଶହ କିଲୋମିଟର ବ୍ୟାପୀ ଓଡ଼ିଶା ପରିକ୍ରମା କରିବା ବେଳେ ଗଞ୍ଜାମ ଜିଲ୍ଲାରୁ ହଜାର ହଜାର ଚାଷୀ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱର ପରିକ୍ରମା ଯାତ୍ରାରେ ସାମିଲ ହେବା ପାଇଁ ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କିଷାନ କଂଗ୍ରେସ ସଂଯୋଜକ କେ. ଶ୍ୟାମସୁନ୍ଦର ଦୋରା, ରାଜ୍ୟ କିଷାନ କଂଗ୍ରେସର ରାଜ୍ୟ ଉପାଧ୍ୟକ୍ଷ ସୁବାଷ ରାଉତ, ସମ୍ପାଦକ ସାଇ ପ୍ରସାଦ ପାତ୍ର, ପଦ୍ମଚରଣ ସାହୁ, ଦିଗପହଣ୍ଡି ନଗରପାଳ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସନାତନ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଧର୍ମଶାଳା ମୋ କଲେଜ ଅଭିଯାନ ବୈଠକ



ଧର୍ମଶାଳା (ପିଏନ୍): ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ମୋ କଲେଜ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି । କଲେଜର ଅଧ୍ୟକ୍ଷ ତପନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇଥିଲେ । ଧର୍ମଶାଳା ମହାବିଦ୍ୟାଳୟ ଧର୍ମଶାଳା ବ୍ଲକର ସର୍ବପୁରାତନ ମହାବିଦ୍ୟାଳୟ, ଏହି ମହାବିଦ୍ୟାଳୟର ଅନେକ ଉନ୍ନତି ମୁଳକ କାର୍ଯ୍ୟ ହୋଇଥିଲେ ହେଁ ଆଉ ଅନେକ କାର୍ଯ୍ୟ ହେବାର ଅବଶ୍ୟକତା ରହିଛି । କଲେଜଗୁଡିକର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ କଲେଜ ଅଭିଯାନର ଶୁଭାରମ୍ଭ କରିଛନ୍ତି । ଏହି କଲେଜର ବହୁ ଛାତ୍ରଛାତ୍ରୀମାନେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି । ସେମାନଙ୍କୁ ମୋ କଲେଜ ଅଭିଯାନରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ । ଏଥିସହିତ ପୁରାତନ ଛାତ୍ର ସଂସଦର ସଭାପତିମାନଙ୍କୁ ଯୋଗାଯୋଗ କରି ଏହି ଅଭିଯାନରେ ସମସ୍ତଙ୍କୁ ସାମିଲ କରିବାକୁ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ପ୍ରଥମ ବ୍ୟାଚର ଛାତ୍ର ବଟକୃଷ୍ଣ ପରିଡା, ପୁରାତନ ଛାତ୍ର ସଂସଦ ସଭାପତି କ୍ଷିତିଶ ନାୟକ, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ଛାତ୍ର ବିଜେଡି ଜିଲ୍ଲା ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ସମିତି ସଭ୍ୟା କ୍ଷୀରାବ୍ଧି ତନୟା ମଲିକ ପ୍ରମୁଖ ମୋ କଲେଜ ଅଭିଯାନର ସଫଳତା ପାଇଁ ଆଶାବ୍ୟକ୍ତ କରିଥିଲେ । ଆସନ୍ତା ଅକ୍ଟୋବର ମାସ ୨୩ ତାରିଖରେ ପରବର୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା । ପ୍ରାରମ୍ଭରେ ମୋ କଲେଜ ଅଭିଯାନର ସଂଯୋଜକ ନିଗମାନନ୍ଦ ବିଶ୍ୱାଳ ସୂଚନା ପ୍ରଦାନ କରିଥିଲେ । ଅଧ୍ୟାପକ ବିଶ୍ୱଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲେଶ୍ୱରରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)-ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲ୍ଲାସ୍ତରୀୟ "ଶିଶୁ ପାଇଁ ଦିନଟିଏ" କାର୍ଯ୍ୟକ୍ରମ ଏନ୍ ଆଇ ସି ପରିସରରେ ଥିବା ମହାତ୍ମା ଗାନ୍ଧୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓ ସାହେବ ଶିନ୍ଦେ ଓ ଅତିରିକ୍ତ ଜିଲ୍ଲାପାଳ ଭାବେଶ ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ମାଝୀ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲାସୁରକ୍ଷା ୟୁନିଟ ଏବଂ ଜିଲ୍ଲା ସୁରକ୍ଷା ମଙ୍ଗଳ କମିଟି ସଦସ୍ୟ, ସଦସ୍ୟାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୯ ଜଣ କୃତି ଛାତ୍ରଛାତୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ବୃ ି ପ୍ରଦାନ କରାଯାଇଥିଲା। ସେହିପରି "ସୁକନ୍ୟା ସମୃଦ୍ଧି" ଯୋଜନାରେ ୧୪ ଜଣ ଛାତ୍ରୀଙ୍କ ଆକାଉଣ୍ଟ ଖୋଲାଯାଇ ପାଶ ବୁକ୍ ପ୍ରଦାନ କରାଯାଇଥିଲା। ୧୮ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ଆକାଉଣ୍ଟକୁ ୨ ହଜାର ଟଙ୍କା ଜମା କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମାଝୀ ବକ୍ତବ୍ୟରେ କହିଥିଲେ।

## ଅବକାରୀ ବିଭାଗ ପକ୍ଷରୁ ଚଢାଉ, ଦେଶୀ ମଦ ଜବତ

ଖୋର୍ଦ୍ଧା (ପିଏନ୍)-ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଥାନା ଅନ୍ତର୍ଗତ ରାସୋଳ ଗ୍ରାମରେ ଦେଶୀ ରନ୍ଧା ମଦ ଭାଟି ଉପରେ ଚଢାଉ କରାଯାଇଥିଲା। ଏହି ଚଢାଉ ବେଳେ ୧ହଜାର ୨୦ ଲିଟର ଦେଶୀ ମଦ ଜବତ କରାଯିବା ସହ ଆବଶ୍ୟକୀୟ ସରଂଜାମ ସହ ଗୋଟିଏ ମାରୁତି କାର ଜବତ କରାଯାଇଥିଲା। ଏଥିରେ ମଦ ପ୍ରସ୍ତୁତ କରୁଥିବା ରାସୋଳ ଗ୍ରାମର ରଜନୀକାନ୍ତ ପାଇକରାୟ କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ ବୋଲି ଜିଲ୍ଲା ଅବକାରୀ ବିଭାଗର ନିରୀକ୍ଷକ ଭୈରବ ସାହୁଙ୍କ ଠାରୁ ପ୍ରକାଶ। ଏ ନେଇ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ରାଜଶେଖର ସ୍ୱାଇଁ, ଭ୍ରାମ୍ୟମାଣ ଉପ-ନିରୀକ୍ଷକ ବି ମନୋଜ କୁମାର, ବେଗୁନିଆ ଓଆଇସି ରାଜେନ୍ଦ୍ର ଜେସ ଓ ଖୋର୍ଦ୍ଧା, ବେଗୁନିଆର ଭ୍ରାମ୍ୟମାଣ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

## ଭ୍ରାନ୍ତିହୀନ କ୍ରାନ୍ତିକାରୀ ପ୍ରାଣନାଥ





ମାନବ ସମାଜର ଅଗ୍ରଗତି ପଥରେ ଯେଉଁସବୁ ପ୍ରତିବନ୍ଧକ ରହିଛି ତାକୁ ହଟାଇ ସ୍ଥିତାବସ୍ଥା ବଦଳରେ ନୂତନ ପ୍ରଗତିଶୀଳ ବ୍ୟବସ୍ଥାକୁ ଯିବାର ନାମ କ୍ରାନ୍ତି । ସ୍ୱର୍ଗୀୟ ପ୍ରାଣନାଥ ପଟ୍ଟନାୟକ ଥିଲେ ଏହି କ୍ରାନ୍ତି ପଥର ଯାତ୍ରୀ । ତେଣୁ ସେ ଥିଲେ କ୍ରାନ୍ତିକାରୀ । ଅତି ସରଳ ଭାବରେ ବୁଝିବାକୁ ଗଲେ ସେ ଥିଲେ ଜଣେ ଉତ୍ସର୍ଗୀକୃତ ସଂଗ୍ରାମୀ, ସମାଜ ସଂସ୍କାରକ, ବାମପନ୍ଥୀ ଚିନ୍ତାଧାରାର ପ୍ରବକ୍ତା, ପ୍ରଗତିବାଦର ଜନନେତା, ଶିକ୍ଷାର ପ୍ରସାରରେ ଅଗ୍ରଣୀ, ଆସନ୍ତାକାଲିର ସାହିତ୍ୟ ଲେଖକ।

ଗୋଟିଏ ସମ୍ଭ୍ରାନ୍ତ ବଂଶରେ ଜନ୍ମଲାଭ କରି ଉଚ୍ଚଶିକ୍ଷା ଲାଭ କରିଥିବା ଯୁବକ ପ୍ରାଣନାଥ ପଟ୍ଟନାୟକ ଉଚ୍ଚ ଚାକିରିର ମୋହ ତ୍ୟାଗ କରି ଐତିହାସିକ ଆବଶ୍ୟକତାର ଆହ୍ୱାନକୁ ସ୍ୱାଗତ ଜଣାଇ ଏବଂ ଗାନ୍ଧି, ଗୋପବନ୍ଧୁଙ୍କୁ ନିଜ ଜୀବନର ଆଦର୍ଶ ରୂପେ ଗ୍ରହଣ କରିନେଇ ଜାତୀୟ ମୁକ୍ତି ଆନ୍ଦୋଳନକୁ ଲମ୍ଫ ଦେଇଥିଲେ । ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଥିଲେ କ୍ରାନ୍ତିକାରୀ ଓ କ୍ରାନ୍ତିପଥର ପଥିକ । ୧୯୩୬ରେ ଓଡ଼ିଶାରେ କୃଷକ ସଙ୍ଗଠନ ଗଠିତ ହେଲା । ପ୍ରାଣନାଥ ପଟ୍ଟନାୟକ ସେହି ସଙ୍ଗଠନର ମୁଖ୍ୟ କର୍ତ୍ତା ଭାବେ ରହିଥିଲେ । ଦୀର୍ଘବର୍ଷ ଧରି ରାଜ୍ୟ କୃଷକ ସଭାର ସେ ସଭାପତି ରହି କୃଷକ ଆନ୍ଦୋଳନକୁ ନେତୃତ୍ୱ ଦେଉଥିଲେ । ମାର୍କ୍ସବାଦର ବୈଜ୍ଞାନିକ ସାମ୍ୟବାଦ ତତ୍ତ୍ୱରେ ଉଦ୍‌ବୁଦ୍ଧ ହୋଇ କଲିକତାରେ କମ୍ୟୁନିଷ୍ଟ ପାର୍ଟି ଗଠିତ ହେଲା । ଭଗବତୀ ଚରଣ ପାଣିଗ୍ରାହୀ ଏହାର ସମ୍ପାଦକ ରହିଥିଲେ । ତେଣୁ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ସେ ଥିଲେ ଅନ୍ୟତମ ସ୍ରଷ୍ଟା ।

ସ୍ୱାଧୀନତା ପରେ ମଧ୍ୟ ସେ ଦୀର୍ଘଦିନ ଆତ୍ମଗୋପନ କରି ଶେଷରେ ୧୯୪୮ରୁ ୫୨ ପର୍ଯ୍ୟନ୍ତ ଅଟକବନ୍ଦୀ ହୋଇ ରହିବା ସହିତ ୧୯୬୪ରେ ଦରଦାମ ବୃଦ୍ଧି, ବ୍ୟାଙ୍କ ଜାତୀୟକରଣ, ରଜାଙ୍କ ଭତ୍ତା କାଟ ଦାବି ନେଇ ଆନ୍ଦୋଳନ କରି ଦୀର୍ଘ ଛଅ ମାସରୁ ଉର୍ଦ୍ଧ୍ୱକାଳ ବନ୍ଦୀ ଜୀବନ କଟାଇଥିଲେ । ସେ ଜଣେ ନିର୍ଭୀକ ସଂଗ୍ରାମୀ ଭାବେ ଏସବୁ ଦଣ୍ଡକୁ ସହ୍ୟକରି ନେଉଥିଲେ। ଖୋର୍ଦ୍ଧାବାସୀଙ୍କ ଶ୍ରଦ୍ଧା ପାଇ ସେ ଓଡ଼ିଶା ବିଧାନସଭାକୁ ୧୯୩୬/୩୭ରେ ଓ ସ୍ୱାଧୀନତା ପରେ ୧୯୫୭ରେ ବିଧାୟକ ଭାବେ ନିର୍ବାଚିତ ହୋଇ ଆସିଥିଲେ । ଜଣେ ବିଧାୟକ ଭାବେ ତାଙ୍କର ଯଥେଷ୍ଟ ସମ୍ମାନ ଓ ଖ୍ୟାତି ଥିଲା । ପ୍ରାଣନାଥ ପଟ୍ଟନାୟକ କେବଳ ଏକ ନାମ ନୁହେଁ । ଏହା ଏକ କ୍ରାନ୍ତିକାରୀ ସଙ୍ଗଠନ, ଏକ କ୍ରାନ୍ତିକାରୀ ତତ୍ତ୍ୱ, ଏକ କ୍ରାନ୍ତିକାରୀ ଇତିହାସ। ଆଗକୁ ଆଲୋକ ଦେଖାଉଥିବା ଏକ ଉଜ୍ଜ୍ୱଳ ନକ୍ଷତ୍ର ।

**ଉମାଶଙ୍କର ପ୍ରସାଦ,** ସ୍ତମ୍ଭକାର ତଥା ସାମ୍ବାଦିକ, ଖୋର୍ଦ୍ଧା, ମୋ: ୮୮୯୫୫୪୭୪୯୦

## କର୍କଟ ପୀଡ଼ିତଙ୍କୁ ସହାୟତା ଯୋଗାଇଲା କଳ୍ପନା ଛକଟୋକା ସଂଘ

ଭୁବନେଶ୍ୱର (ପିଏନ୍): ସମାଜରେ ସାମାଜିକ ବିପ୍ଳବ ସୃଷ୍ଟି କରିବାରେ କଳ୍ପନା ଛକଟୋକା ସଂଘ ଏକ ସ୍ଥାନ ସୃଷ୍ଟି କରିପାରିଛି। ରାଜଧାନୀର ରାସ୍ତାକଡ଼ରେ ସମାଜ ମଙ୍ଗଳ ହୁଣ୍ଡି ପ୍ରତିଷ୍ଠା କରି ଅସହାୟ କର୍କଟ ରୋଗରେ ପୀଡ଼ିତ ଓ ପୀଡ଼ିତାଙ୍କ ମୁହଁରେ ଟିକେ ହସ ଫୁଟାଇବାରେ ସକ୍ଷମ ହୋଇପାରିଛି। ପାଞ୍ଚବର୍ଷ ପୂର୍ବରୁ ଯୁବକମାନଙ୍କଠାରୁ ହୁଣ୍ଡି ମାଧ୍ୟମରେ ଆଦାୟ ଅର୍ଥରାଶିକୁ ବର୍ତ୍ତମାନ ପର୍ଯ୍ୟନ୍ତ ୨୨ ଜଣ ମାରାତ୍ମକ କର୍କଟ ରୋଗୀଙ୍କୁ ନିଃସ୍ୱାର୍ଥପର ଭାବେ ତାର ସେବା ଜାରି ରଖିଛି। ରାଜଧାନୀର ବିଭିନ୍ନ ଖଟି ନିଶାମୁକ୍ତ, ହିଂସାମୁକ୍ତ ହେବା ସହ ସମାଜସେବାକୁ ଗୁରୁତ୍ୱ ଦେଇ ଭାଇଚାରା ବଜାୟ ରଖିବା ସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

ଏହାକୁ ଆଖି ଆଗରେ ରଖି କଳ୍ପନା ଛକଟୋକା ସଂଘର ୨୩ତମ ସମାଜ ମଙ୍ଗଳ ହୁଣ୍ଡିଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜମଙ୍ଗଳ ହୁଣ୍ଡିର ପ୍ରତିଷ୍ଠାତା ନାରାୟଣ ଚନ୍ଦ୍ର ଓଝାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମଧ୍ୟ ବିଧାୟକ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା ଯୋଗଦେଇ ସମାଜମଙ୍ଗଳ ହୁଣ୍ଡିର ମହାନ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ହୁଣ୍ଡିରୁ ଆଦାୟ ମୋଟ ତିରିଶି ହଜାର ପାଞ୍ଚଶହ ଏକ ଟଙ୍କା ଅର୍ଥରାଶି ବ୍ରହ୍ମେଶ୍ୱରପୁର, ଡେଲାଙ୍ଗ, ପିପିଲି ଅଞ୍ଚଳର କର୍କଟ ପୀଡ଼ିତ ସତ୍ୟପ୍ରିୟ ନାୟକଙ୍କୁ ଅତିଥିମାନଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା।

ସମ୍ମାନିତ ଅତିଥି ଭାବେ ଏସିପି ବିଷ୍ଣୁ ପ୍ରସାଦ ପାତ୍ର, କର୍ପୋରେଟର ଆଶିଷ ପଟ୍ଟନାୟକ, ସମାଜସେବୀ ଆଦିତ୍ୟ ଗଜେନ୍ଦ୍ର, ଯୁବନେତା ସଂଗ୍ରାମ ମାର୍ଥା, ପ୍ରଯୋଜକ ଶ୍ରୀଧର ମାର୍ଥା, ସମାଜସେବୀ ତଥା କବୟିତ୍ରୀ ବନ୍ଦନା ହରିଚନ୍ଦନ, ସ୍ତମ୍ଭକାର ସୃଷ୍ଟିକୀର୍ତ୍ତି ତ୍ରିପାଠୀ, ସମାଜସେବୀ ମନସ୍ମିତା ଜେନା, ସମାଜସେବୀ ସସ୍ମିତା ଦାସ, ସମାଜସେବୀ ଲିପିକା ରାୟ, ନାଟ୍ୟ ପ୍ରାଧ୍ୟାପକ ଡା. ଅସିତ ଦାସ, ନିର୍ଦ୍ଦେଶକ ଶିବଶଙ୍କର ତ୍ରିପାଠୀ, ଅଭିନେତା ବୁଲୁ ପଣ୍ଡା, ଯାତ୍ରା ନାୟକ ହୃଷିକେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସଂଘର ସଭାପତି ଧୀରେନ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ପବିତ୍ର ଗଜେନ୍ଦ୍ର, ରୋହିତ କୁମାର, ସଞ୍ଜୟ ପରିଡ଼ା, ପ୍ରମୋଦ କୁମାର ପତି, ଗୁରୁପଦ ନାଥ, ବାସୁଭ ଦାସ, ତନ୍ମୟ ସାମନ୍ତରାୟ, ବାବୁଲା ପରିଡ଼ା, ସ୍ନିଗ୍ଧା ମହାନ୍ତି, ରୂପଶ୍ରୀ ସାହୁ, ବର୍ଷା ଦାସ, ଇମନ ମହାନ୍ତି, ଜ୍ୟୋତିର୍ମୟୀ ପଣ୍ଡା, ନିରଞ୍ଜନ ସାହୁ, ରାଜକୁମାର, ସନ୍ଧ୍ୟାରାଣୀ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## କଂଗ୍ରେସ କର୍ମୀଙ୍କୁ ପିସିସି ସଭାପତିଙ୍କ ଧନ୍ୟବାଦ ଜ୍ଞାପନ

ରାଉରକେଲା (ପିଏନ୍): ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ତାଙ୍କର ୩ ଦିନିଆ ରାଉରକେଲା ଓ ସୁନ୍ଦରଗଡ ଗସ୍ତ ସାରି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି । ତାଙ୍କର ଏହି ଗସ୍ତ କାଳରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ହଜାର ହଜାର ସଂଖ୍ୟାରେ କଂଗ୍ରେସ କର୍ମୀ ତାଙ୍କୁ ସ୍ୱାଗତ କରି ସମ୍ବର୍ଦ୍ଧିତ କରିଥିଲେ । ସେହିପରି ସୁନ୍ଦରଗଡ ଜିଲ୍ଲା କଂଗ୍ରେସ ତରଫରୁ ମଧ୍ୟ ସୁନ୍ଦରଗଡରେ ଶ୍ରୀ ପଟ୍ଟନାୟକଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ରାଜଗାଙ୍ଗପୁରରେ ମଧ୍ୟ ଯୁବ କଂଗ୍ରେସ କର୍ମୀଙ୍କୁ ନେଇ ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ ଉଭୟ ଜିଲ୍ଲା କଂଗ୍ରେସର କର୍ମକର୍ତ୍ତା ଓ କର୍ମୀ ତଥା ବରିଷ୍ଠ କଂଗ୍ରେସ ନେତୃବୃନ୍ଦ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ, କଂଗ୍ରେସ ସେବାଦଳ, କଂଗ୍ରେସର ଏସ୍‌ଟି ସେଲ୍, ଏସ୍‌ସି ସେଲ୍, ଓବିସି ସେଲ୍, ସଂଖ୍ୟାଲଘୁ ସେଲ୍, ଲିଗାଲ ସେଲ୍, କିସାନ ସେଲ୍, ମତ୍ସ୍ୟଜୀବି ସେଲ୍, ଅସଙ୍ଗଠିତ ଶ୍ରମିକ ସେଲ୍, ଆଇଏନ୍‌ଟିୟୁସି ଇତ୍ୟାଦିର ସମସ୍ତ କର୍ମକର୍ତ୍ତା ଓ କର୍ମୀମାନେ ଶ୍ରୀ ପଟ୍ଟନାୟକଙ୍କୁ ଯେପରି ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଅତି ସୁନ୍ଦର ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋନଜ କଲେ ସେଥିପାଇଁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଏହିସବୁ କାର୍ଯ୍ୟକ୍ରମକୁ ଯେପରି ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି, ପୁଲିସ୍ ପ୍ରଶାସନ ତଥା ସହରବାସୀଙ୍କ ତରଫରୁ ବିଶେଷ ସହଯୋଗ ମିଳିଲା ସେଥିପାଇଁ ସେମାନଙ୍କୁ ଶ୍ରୀ ପଟ୍ଟନାୟକ ବିଶେଷ ଧନ୍ୟବାଦ ଜ୍ଞାପନ କରିଛନ୍ତି ବୋଲି ଏକ ପ୍ରେସ୍ ବିବୃତିରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି ।

## ଶିକ୍ଷାବିତ୍ ଭଗବାନ ପଟ୍ଟନାୟକଙ୍କ ସ୍ମୃତିସଭା

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଶିକ୍ଷାଜିଲ୍ଲା ଜିଲ୍ଲା ସମ୍ମାନପ୍ରାପ୍ତ ଶିକ୍ଷକ ଭଗବାନ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା ଜନ୍ମସ୍ଥାନ ବାଂକୋଇ ଠାରେ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପଟ୍ଟନାୟକ ବିଭିନ୍ନ ବିଷୟରେ ଗଭୀର ଜ୍ଞାନର ଅଧିକାରୀ ହୋଇ ଆଦର୍ଶ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିଲେ ବୋଲି ସ୍ମୃତିସଭାରେ ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଐତିହାସିକ ରବୀନ୍ଦ୍ରନାଥ ପରିଡ଼ା ମୁଖ୍ୟଅତିଥି, ଶିକ୍ଷାବିତ୍ ହରିବନ୍ଧୁ ସାହୁ ମୁଖ୍ୟବକ୍ତା, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ଉପସଭାନେତ୍ରୀ ସଂଗୀତା ଦାଶ ସ୍ୱତଂତ୍ର ଅତିଥି ଏବଂ ସମ୍ମାନିତ ଅତିଥି ଭାବେ କୃଷି ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଭୋଳ, ବାଲ୍ମୀକ ବଳିଆରସିଂହ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶିକ୍ଷକଙ୍କ ବହୁମୁଖୀ ଗୁଣାବଳିର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ପଟ୍ଟନାୟକଙ୍କ ଜୀବନୀ ଆଧାରିତ ସ୍ମରଣିକା 'ଜ୍ଞାନଦୀପ୍ତ' ଉନ୍ମୋଚିତ ହୋଇଥିଲା। ଭଗବାନ ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ଶିକ୍ଷାବିତ୍ ସଂଗୀତା ଦାଶ, ଖୋର୍ଦ୍ଧାର କବୟିତ୍ରୀ ସୁବାସିନୀ ପଟ୍ଟନାୟକ, ଟାଂଗୀର ଶିକ୍ଷକନେତା ପ୍ରସନ୍ନ ଶ୍ରୀଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. କୃଷ୍ଣଚନ୍ଦ୍ର ପଟ୍ଟନାୟକ ଅତିଥଇ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ କନ୍ୟା ମଂଜୁଶ୍ରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକାନ୍ତ ଦାସ, ପ୍ରାଣକୃଷ୍ଣ ପାତ୍ର, ବାସୁଦେବ ସିଂହ, ଫଂଟୁ ଭାରିମଲ୍ଲ, ଚିନ୍ତାମଣି ବିଶ୍ୱାଳ, ଡ. ବିବେକାନନ୍ଦ ସ୍ୱାଇଁ, ଗୀତାରାଣୀ ମହାପାତ୍ର ପ୍ରମୁଖ ତାଂକର ବହୁମୁଖୀ ଗୁଣାବଳି ଉପରେ ଆଲୋକପାତ କରିଥିଲେ। ପୁତ୍ର ଶିଶିର କୁମାର ପଟ୍ଟନାୟକ, ଶରତ କୁମାର ପଟ୍ଟନାୟକ, ଗୀତାଂଜଳି ହରିଚନ୍ଦନ, ନିଗମ ପ୍ରସାଦ ହରିଚନ୍ଦନ, ସତ୍ୟାନନ୍ଦ ଜଗଦ୍ଦେବ, ଆଶୁତୋଷ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହିଳା ଓ ଶିଶୁ ଡେସ୍କ ଅଧିକାରୀଙ୍କ କର୍ମଶାଳା

ବାଲେଶ୍ୱର (ପିଏନ୍)- ରାଜ୍ୟ ପୁଲିସ ବିଭାଗ ଅଧୀନରେ ଥିବା ଥାନାଗୁଡ଼ିକରେ ଖୋଲିଥିବା ମହିଳା ଓ ଶିଶୁ ଡେସ୍କରେ କର୍ମରତ ପୁଲିସ କର୍ମଚାରୀମାନଙ୍କର ଦୁଇଦିନିଆ କର୍ମଶାଳା ନୋସୀ ବିଜନେସ ପାର୍କ ସମ୍ମିଳନୀରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥି ଭବେ ବିଭାଗୀୟ ଏ.ଡ଼ି.ଜି ରେଖା ଲୋହାନି, ସମ୍ମାନିତ ଅତିଥି ଭାବେ ପୂର୍ବାଞ୍ଚଳ ରେଞ୍ଜ ଆଇ.ଜି ହିମାଂଶୁ ଲାଲ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଶିଶୁ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଏତଲା ଥାନାରେ ଦେବାପରେ ଡେସ୍କ ପକ୍ଷରୁ କିଭଳି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ବୁଝାଇଥିଲେ। ଚାଇଲ୍ଡ଼ ଲାଇନ ଓ ୟୁନିସେଫର ବୈଷୟିକ ସହଯୋଗରେ ଆୟୋଜିତ କର୍ମଶାଳାରେ ଚାଇଲ୍ଡ଼ ଲାଇନ ପକ୍ଷରୁ ନିଯୁକ୍ତ ରିଶୋର୍ସ ପର୍ସନ ତଥା ଟ୍ରେନର କେ. ରମେଶ, ରାଜୁ କୋଟାଇ ଏବଂ ଆରକା ଲାହା ପ୍ରମୁଖ ଭଦ୍ରକ ଯାଜପୁର ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଥାନାରୁ ଆସିଥିବା ପୁଲିସ ଅଧିକାରୀମାନେ ଉପସ୍ଥିତ ରହି ଟ୍ରେନରମାନଙ୍କ ବିଭିନ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇଥିଲେ। ଟ୍ରେନରମାନେ ମୁଖ୍ୟତଃ ୩୫ଟି ପ୍ରସଙ୍ଗ ଉପରେ ବୁଝାଇଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com
TARIFF: 10 c.m x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ୧୧ କେଭି ବିଦ୍ୟୁତ୍ କାମ କରୁଥିବା ବେଳେ ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ

ଫୁଲବାଣୀ, (ପି.ଏନ): ବିଦ୍ୟୁତ୍ ଆଘାତରେ ଜଣେ ବିଦ୍ୟୁତ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଜିତେନ୍ଦ୍ର ଦାସ (ରବି) । ଗୁରୁବାର ବିଳମ୍ବିତ ରାତିରେ ବର୍ଷା ଯୋଗୁଁ ଫୁଲବାଣୀ ପୌର ପରିଷଦ ଅଂଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ଥିବାବେଳେ ଏହାର ମରାମତି କାମ କରିବା ପାଇଁ ଫୁଲବାଣୀ ନାରାୟଣୀ ରୋଡ଼ ପାଖରେ ଥିବା ୧୧ କେଭି ଖୁଣ୍ଟରେ ବିଦ୍ୟୁତ୍ କାର୍ଯ୍ୟ କରୁଥିବା ବେଳେ ହଠାତ୍ ଆକସ୍ମିକ ଭାବେ ବିଦ୍ୟୁତ୍ ଚାର୍ଜ ହୋଇଯିବାରୁ ଜିତେନ୍ଦ୍ର ଦାସ ନାମକ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ଥିବା କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପରେ ଫୁଲବାଣୀ ଟାଉନ୍ ପୋଲିସ ଘଟଣାସ୍ଥଳରେ ପହଂଚି ମୃତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। କିନ୍ତୁ, ବିଦ୍ୟୁତ୍ ବିଭାଗର କୌଣସି ଉପରିସ୍ଥ ଅଧିକାରୀ ଦେଖା ନ ଦେବାରୁ ମୃତ ପରିବାର ଓ ସ୍ଥାନୀୟ ଲୋକଙ୍କ ମନରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା। ୫୦ ଲକ୍ଷ ଟଙ୍କା କ୍ଷତିପୂରଣ, ମୃତକଙ୍କ ପରିବାରର ଜଣକୁ ଚାକିରୀ, ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପ୍ରଭୃତି ଦାବିରେ ଗାନ୍ଧୀ ଛକ ଠାରେ ରାସ୍ତାରୋକ୍ କରିଥିଲେ ସ୍ଥାନୀୟ ଉତ୍ୟକ୍ତ ଲୋକେ। ଦୀର୍ଘ ୪ ଘଂଟା ପରେ ପୋଲିସ ବୁଝା ଶୁଝା ପରେ ରାସ୍ତା ରୋକ୍ ହଟିଥିଲା।ମୃତ ବିଦ୍ୟୁତ୍ କର୍ମଚାରୀ ପରିବାରର ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବା ବେଳେ ତାଙ୍କର ଏକ ୫ ବର୍ଷ ଓ ଏକ ୨ ବର୍ଷର ଝିଅ ଅଛନ୍ତି। ଅତ୍ୟନ୍ତ ମେଳାପି ଓ କର୍ମନିଷ୍ଠ ହୋଇଥିବାରୁ ସହରରେ ଏହି ଘଟଣାକୁ ନେଇ ଉତ୍ତେଜନା ଲାଗି ରହିଛି। ଗତ ରାତିରେ ମେଡିକାଲ ପରିସର ଓ ବିଦ୍ୟୁତ୍ ଅଫିସରେ ମଧ ସ୍ଥାନୀୟ ଲୋକ ବିରୋଧ ପ୍ରଦର୍ଶନ କରିଥିଲେ। ବିଭାଗର ଭୁଲ ପାଇଁ ଏକ ଅମୂଲ୍ୟ ଜୀବନ ଚାଲିଗଲା ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଲୋକେ। ଜିଲ୍ଲା ମେଡିକାଲରେ ଆଜି ମରଶରୀର ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ଟାଉନ ଥାନା ଅଧିକାରୀ ଅଶୋକ ଗିରି କହିଛନ୍ତି। ଘଟଣାକୁ ନେଇ ଟାଟା ପାୱାର ବିରୋଧରେ ସହରରେ ଜନ ଅସନ୍ତୋଷ ଓ ଉତ୍ତେଜନା ଲାଗିରହିଛି।

# ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ପାଇଁ ବିଗୁଲ ବାଜିଲା : ପ୍ରାର୍ଥୀ ଚୟନ ପାଇଁ ସଜବାଜ

ଧର୍ମଶାଳା,(ପି.ଏନ): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ପାଇଁ ବିଗୁଲ ବାଜିଛି । ଫଳରେ ସମସ୍ତ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀ ଚୟନ ପାଇଁ ସଜବାଜ ହେଉଥିବା ଜଣାପଡିଛି । ଯାହାକୁ ନେଇ ଏବେ ଧର୍ମଶାଳାରେ ରାଜନୀତି ସରଗରମ ହୋଇ ଉଠିଛି ।ଧର୍ମଶାଳା ବ୍ଲକରେ ଖାଲି ପଡିଥିବା ଜିଲା ପରିଷଦ ସଭ୍ୟ, ସମିତିସଭ୍ୟ ଓ ୱାର୍ଡସଭ୍ୟ ପଦ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ । ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ତାରିଖ ଘୋଷଣା କରାଯାଇଛି । ଏହି ବ୍ଲକ ୧୫ ନଂ ଜୋନ ଜିଲା ପରିଷଦ ସଭ୍ୟ ଓ ନେଉଳପୁର ପଂଚାୟତର ସମିତିସଭ୍ୟାଙ୍କର ମୃତ୍ୟୁ ଘଟିଥିବା ବେଳେ ଚକ୍ରଧରପୁର ପଂଚାୟତର ୭ନଂ ୱାର୍ଡର ୱାର୍ଡ ସଭ୍ୟ ଇସ୍ତଫା ଦେଇଥିଲେ । ଏହି ଖାଲି ପଡିଥିବା ପଦବୀ ପାଇଁ ଉପନିର୍ବଚନ ଅନୁଷ୍ଠିତ ହେବ । ଏଥି ନିମନ୍ତେ ଜୁଲାଇ ମାସ ୧୪ରୁ ୧୭ ତାରିଖ ମଧ୍ୟରେ ନାମାଙ୍କନପତ୍ର ଦାଖଲ,୧୮ ତାରିଖରେ ଯାଂଚ ଓ ୨୦ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ପ୍ରାର୍ଥୀଙ୍କ ତାଲିକା ଘୋଷଣା କରାଯିବ । ଅଗଷ୍ଟ ମାସ ୯ ତାରିଖ ସକାଳ ୭ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ । ମତଦାନ ଶେଷ ହେବା ପରେ ଭୋଟ ବାକ୍ସକୁ ସିଲ କରାଯାଇ ବ୍ଲକ କାର୍ଯ୍ୟାଳୟକୁ ନିଆଯିବ । ୧୧ ତାରିଖ ସକାଳ ୮ଟାରୁ ପ୍ରାର୍ଥୀ ଓ ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଭୋଟ ବାକ୍ସ ଖୋଲାଯାଇ ସେଠାରେ ଗଣତି କରାଯିବା ସହ ଫଳାଫଳ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ତଥା ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ସୂଚନା ଦେଇଛନ୍ତି।

# ମାହେଶ୍ୱରୀ ସଂଗଠନ ମହିଳା ଶାଖା ତରଫରୁ ସପ୍ତାହ ବ୍ୟାପି ବନମହୋତ୍ସବ

ବଲାଙ୍ଗିର,(ପି.ଏନ): ବଲାଙ୍ଗିର ମାହେଶ୍ୱରୀ ସଂଗଠନ ମହିଳା ଶାଖା ତରଫରୁ ସପ୍ତାହ ବ୍ୟାପି ବନମହୋତ୍ସବ ୨୦୨୩ କୁ ନିଆର ଭାବେ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ପାଳନ କରାଯାଇଥିଲା। ନାଚଗୀତ ମାଧ୍ୟମରେ ଛୋଟ ଛୋଟ ପିଲାଙ୍କୁ ଆକୃଷ୍ଟ କରି ତଥା ଚାରାରୋପଣ କରି ପରିବେଶ ସୁରକ୍ଷା ଦିଗରେ ସଚେତନ କରାଯାଇଥିଲା। ଆଜି ଶେଷ ଦିନରେ ସହରର ଗାନ୍ଧି ପାଠାଗାର ଭାଗିରଥି ଛକ ପାଖରୁ ଅନୁଷ୍ଠାନ ତରଫରୁ ଏକ ବିଶାଳ ସାଇକେଲ ର୍ୟାଲିର ଆୟୋଜନ ହୋଇଥିଲା ଏଥିରେ ଉଭୟ ମହିଳା ଶାଖା ତଥା ପୁରୁଷ ସ୍ୱେଚ୍ଛାସେବୀଙ୍କ ସହ ଅନେକ ବରିଷ୍ଠ ସାମ୍ବାଦିକ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ତଥା ପରିବେଶ ପ୍ରେମୀ ଯୋଗ ଦେଇଥିଲେ। ସଚେତନତା ଓ ସମ୍ଭାବନାର ପର୍ବ ବନୋମହୋତ୍ସବ ଏହି ସ୍ଲୋଗାନ ମାଧ୍ୟମରେ ଲୋକଙ୍କ ନିକଟତର ହେବାର ସୁନ୍ଦର ପ୍ରୟାଶ କରିଥିଲେ। ସାଇକେଲ ବ୍ୟବହାର ମାଧ୍ୟମରେ ଆମେ ପ୍ରଦୂଷଣ କମ କରିବା ସହ ଶାରିରିକ ବ୍ୟାୟମ ମଧ୍ୟ ହେବ, ଏହା ମଧ୍ୟ ଏହି ର୍ୟାଲିର ଏକ ଉଦ୍ଦେଶ୍ୟ ଥିଲା। ସକାଳ ଘ.୭ ଟାରୁ ଆରମ୍ଭ ହୋଇଥିବା ଏହି ର୍ୟାଲିରେ ମାହେଶ୍ୱରୀ ମହିଳା ଶାଖା ସଂଯୋଜିକା କ୍ରିତିକା ଅଗ୍ରୱାଲ, ବବିତା ବାଗ, ବୈଶାଳୀ ବହିଦାର, ପଦ୍ମାଳୟା ବାରିକ, କିର୍ତି କେଶୱାନୀଙ୍କ ସହ ମାହେଶ୍ୱରୀ ସଂଗଠନର ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ ପାଣ୍ଡିତ, ସଭାପତି ଶୋଭନ ଅଗ୍ରୱାଲ, ଜିଲ୍ଲା ସଂଯୋଜକ ସୌମ୍ୟ ରଂଜନ ପଣ୍ଡା, ଉପଦେଷ୍ଟା ନିଦେଶ ଶର୍ମା, ଅପ୍ରମିତ ପରିଛା, ସୌମ୍ୟ ରଂଜନ ବେହେରା, ସ୍ୱାଗତ ଦାସ, ସୁମିତ ରାଓ, ଆଜାତ ମିଶ୍ର, ମାନସ ରଂଜନ ସାହୁ, ସୋମନାଥ ଘିଭେଲା, ଯତିନ୍ଦ୍ର ସାହୁ, ଶିବ ପ୍ରସାଦ ମିଶ୍ର, ଦେବାଶିଷ ପାଣ୍ଡିଆ ତଥା ରାଇଡିଙ୍ଗ ଲଭର ସଦସ୍ୟ ଆର୍ତତ୍ରାଣ ପାଢି, ଶଙ୍କର ଜୁଏଡ, ପୀଉଷ ମିତଲ, ଓମ୍ ପ୍ରକାଶ ଅଗ୍ରୱାଲ, କୋଶଲି କବି ଅର୍ଜୁନ ସାହୁ, ସହଯୋଗ ଫାଉଣ୍ଡେସନର ଅନିଲ ମୋଦି ପ୍ରମୁଖ ରହିଥିଲେ । ବୁଦ୍ଧିଜିବି ରଥନ ମହାରଣା, ରାମଦତ ଭୋଇ, ବିରେନ୍ଦ୍ର ଝାଙ୍କର, ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଯୁବବର୍ଗଙ୍କୁ ଉତ୍ସାହିତ କରିବା ସହ ର୍ୟାଲିରେ ମଧ୍ୟ ଭାଗ ନେଇଥିଲେ।

# ଡୁଙ୍ଗୁରିପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ 'ବନ ମହୋତ୍ସବ' ପାଳିତ

ବଲାଙ୍ଗୀର, (ପି.ଏନ): ବଲାଙ୍ଗୀର ଜିଲ୍ଲାର ଆଗଲପୁର ବ୍ଲକ ଅନ୍ତର୍ଗତ ଡୁଙ୍ଗୁରିପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ' ବନ ମହୋତ୍ସବ ' ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ଯୋଗୀନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ୱାର୍ଡମେମ୍ବର ବୁଲି ସୁନା ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ପିଂଟୁ ମହାରଣା ଯୋଗଦେଇ। ଅତିଥିମାନେ ଜଳବାୟୁ ପରିବର୍ତନ ଓ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣର ଆବଶ୍ୟକତା ଉପରେ କହିଥିଲେ। ତତ୍ପରେ ବିଦ୍ୟାଳୟ ପରିସରରେ ଅତିଥି, ଶିକ୍ଷକ ଓ ଶିଶୁମାନେ ବିଭିନ୍ନ ବୃକ୍ଷ ରୋପଣ କରିଥିଲେ।

# ଗଛରୁ ଶ୍ରମିକଙ୍କ ମୃତଦେହ ଉଦ୍ଧାର

ଧର୍ମଶାଳା, (ପି.ଏନ): ଶୁକ୍ରବାର ସକାଳୁ ଏକ ଗଛରେ ଜଣେ ଯୁବକଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା । ଯାହାକୁ ଦେଖିବା ପାଇଁ ଏଠାରେ ଶହ ଶହ ଲୋକେ ଭିଡ଼ ଜମାଇଥିଲେ । ଏଭଳି ଘଟଣା ଘଟିଛି ଯାଜପୁର ଜିଲା ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ କୃଷ୍ଣଦାସପୁର ଛକ ନିକଟସ୍ଥ ରାସ୍ତା କଡରେ । ଏହି ଘଟଣା ପ୍ରଚାରିତ ହେବା ପରେ ମୃତକ ଜଣକ ସ୍ଥାନୀୟ ଅଂଚଳ ମାଣ୍ଡୁକା ଗ୍ରାମର ଯଦୁ ଦଳେଇ ବୋଲି ଜଣାପଡିଛି । ସେ ଯୁବ ଶ୍ରମିକଭାବେ ବେଶ୍ ଜଣାଶୁଣା । ତେବେ ଖବର ପାଇ ବାଲିଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପଂହଚି ଗଛରୁ ମୃତଦେହକୁ ଉଦ୍ଧାର କରି ତଦନ୍ତ ଚଲାଇଛି ।ମିଳିଥିବା ସୂଚନା ମୁତାବକ, ଗୁରୁବାର ଦିନ ଯଦୁ କୌଣସି କାରଣରୁ ଘରକୁ ଆସି ଆଉ ଫେରି ନ ଥିଲେ । ପରିବାର ଲୋକେ ରାତି ସାରା ବହୁ ସମୟ ଧରି ଖୋଜାଖୋଜି କରିଥିଲେ ମଧ ତାଙ୍କର ପତା ପାଇ ନ ଥିଲେ । ତେବେ ଆଜି ସକାଳ ସମୟରେ କୃଷ୍ଣଦାସପୁର ଛକ ରାସ୍ତା କକଡରେ ଏକ ଗଛରେ ଯଦୁଙ୍କ ଶବ ଝୁଲୁଥିବାର ଦେଖିବାକୁ ମିଳିଥିଲା । ତେବେ ସେ ଆତ୍ମହତ୍ୟା କରିଛନ୍ତି ନା ମୃତ୍ୟୁ ପଛରେ ଆଉ କିଛି କାରଣ ରହିଛି ସେ ନେଇ ବାଲିଚନ୍ଦ୍ରପୁର ପୋଲିସ ଅଧିକ ତଦନ୍ତ ଜାରି ରଖିଛି । ମୃତଦେହକୁ ପୋଲିସ ଜବତ କରିବା ସହ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି ।

# ସ୍ୱାଧୀନର ଶଙ୍ଖ, ବିଜେଡ଼ିକୁ ଫେରିଲେ ନଗରପାଳ



ଭୁବନେଶ୍ୱର,(ପି.ଏନ): ୨୦୨୨ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାଚ଼ନରେ ଜିଲ୍ଲାର ତିନିଗୋଟି ବିଜ୍ଞାପିତ ଅଞ୍ଚଳ ପରିଷଦ ରୁ ଗୋଟିଏ ବି ଚେୟାରମେନ୍ ପ୍ରାର୍ଥୀଙ୍କୁ ଜିତେଇ ପାରି ନଥିବା ଶାସକ ଦଳ ଏବେ ଖାତା ଖୋଲିଛି,ଦୀର୍ଘ ଦେଢ ବର୍ଷର ବ୍ୟବଧାନ ପରେ ନିଜ ଦଳପ୍ରତି କ୍ଷୁବ୍ଧ ଥିବା ନିର୍ଦଳୀୟ ନଗରପାଳ ମହମ୍ମଦ୍ ଆଦମ୍ ଙ୍କୁ ବିଜୁ ଜନତା ଦଳ ଶଙ୍ଖ ଭବନରେ ଶଙ୍ଖ ଧରେଇ ଫେରେଇ ଆଣିଛି ।ଗତକାଲି ଭୁବନେଶ୍ୱର ଶଙ୍ଖ ଭବନରେ ଏକ ଭବ୍ୟ କାର୍ଯ୍ୟକ୍ରମରେ ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ,ନୂଆପଡା ନିର୍ବାଚ଼ନ ମଣ୍ଡଳୀର ବିଧାୟକ ତଥା ରାଜ୍ୟ ସରକାରଙ୍କ ଯୋଜନା ସଂଯୋଜନା ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ନୁଆପଡା ଜିଲ୍ଲା ପର୍ଯ୍ୟବେକ୍ଷିକା ତଥା ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଉପସ୍ଥିତୀରେ ସ୍ୱାଧୀନ ନଗରପାଳ ମହମ୍ମଦ ଆଦମ୍,ୱାର୍ଡ ନଂ ୨ ର ବିଜେପି କାଉନସିଲର୍ ତୋରନ୍ ମାଝୀଙ୍କ ସହ ଅନେକ ସମର୍ଥକ ଶଙ୍ଖ ଧରିଛନ୍ତି ।ସୁଚ଼ନା ଥାଉକି ନୁଆପଡା ପଞ୍ଚାୟତ ର ଶେଷ ସରପଞ୍ଚ,ନୁଆପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ପରେ ନିଜ ୱାର୍ଡ ର ପ୍ରଥମ କାଉନସିଲର ତଥା ଏବର ନୂଆପଡା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ମହମ୍ମଦ ଆଦମ୍ ୨୦୨୨ ବିଜ୍ଞାପିତ ଅଞ୍ଚଳ ପରିଷଦରେ ନିଜ ଦଳରୁ ଶୁଭ ସଙ୍କ ?ତ ନ ପାଇ ନିର୍ଦଳୀୟ ଭାବରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଚ଼ାରିଆଡେ ଚ଼ର୍ଚ୍ଚାରେ ଥିବା ଏହି ନିର୍ବାଚ଼ନରେ ମହମ୍ମଦ ଆଦମ୍ ବିଜେଡି ଦଳର ପ୍ରାର୍ଥୀଙ୍କୁ ବହୁତ୍ ପଛରେ ପକାଇ ବିପୁଳ ଭୋଟ୍ ରେ ବିଜୟୀ ହୋଇଥିଲେ।୨୦୨୪ ସାଧାରଣ ନିର୍ବାଚ଼ନ ପୂର୍ବରୁ ଜିଲ୍ଲାରେ ବିଜୁ ଜନତା ଦଳର ସଙ୍ଗଠନକୁ ଆହୁରି ଶକ୍ତୀଶାଳୀ କରିବା ପାଇଁ ତୁଙ୍ଗନେତାଙ୍କ ସହ ଆଲୋଚ଼ନା ପରେ ମହମ୍ମଦ ଆଦମ ଦଳକୁ ଫେରିଛନ୍ତି ।ଏହି ଭବ୍ୟ କାର୍ଯ୍ୟକ୍ରମରେ ନବ ନିର୍ବାଚ଼ିତ ରାଜ୍ୟ ସମ୍ପାଦକ ସରୋଜ କୁମାର ସାହୁ ଓ ରାଜେଶ ନିଗମ୍,ରାଜ୍ୟ ସହ ସମ୍ପାଦକ ଅବନୀ ରଞ୍ଜନ ଯୋଶୀ,ଜିଲ୍ଲା ଯୁବ ବିଜେଡି ସଭାପତୀ ହରିଶ୍ଚନ୍ଦ୍ର ପଣ୍ଡା,ବିଜ୍ଞାପିତ ଅଞ୍ଚଳ ପରିଷଦର କାଉନସିଲର ମଳୟ ରଞ୍ଜନ ମଣ୍ଡଳ,ଧର୍ମୁ ଶବର,ଥାନେଶ୍ୱର ସୁନା,ଭଗବତୀ ଦଣ୍ଡସେନା,ଶିବାନନ୍ଦ ପାତ୍ର ଓ ଜୟନ୍ତୀ ରଣା ଉପସ୍ଥିତ ଥିଲେ।

# ବାଇକ ଧକ୍କାରେ ଛାତ୍ର ଆହତ, ଆରୋହୀ ଅଟକ

କୋରାଇ,(ପି.ଏନ): ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଂଚାୟତର ଖସାଗଡିଆ ଗ୍ରାମର ଜୈନିକ ଛାତ୍ର ବାଇକ ଧକ୍କାର ଶିକାର ହୋଇ ଆହତ ହୋଇଛି । ପ୍ରକାଶଯେ ପଥରପଦା ପଂଚାୟତ ଅନ୍ତର୍ଗତ ଖସାଗଡିଆ ଗ୍ରାମର ସୁକାନ୍ତ ମାଝୀଙ୍କ ପୁଅ ସଂଜୟ(୧୧) ପାଣିକୋଇଲିରୁ ଟିଉସନ ସାରି ସାଇକେଲ ଯୋଗେ ନିଜ ଘରୁକୁ ଫେରୁଥିବା ସମୟରେ ଗ୍ରାମ ରାସ୍ତାରେ ପଛପଟୁ ଏକ ବାଇକ(ଓଡି୩୪-୮୫୪୧) ତାଙ୍କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ସଂଜୟ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକମାନେ ବାଇକ ଆରୋହୀକୁ ଧରି ପାଣିକୋଇଲି ପୁଲିସ ଜିମା ଦେଇଛନ୍ତି । ଅପରପକ୍ଷେ ସଂଜୟକୁ ପାଣିକୋଇଲିରେ ପ୍ରାଥମିକ ଚିକିତ୍ସା କରାଇବା ପରେ ଯାଜପୁର ଜିଲ୍ଲା ମୁଖ୍ୟାଳୟକୁ ପଠାଇଥିବା ଜଣାପଡିଛି ।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି। ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବ୍ଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ରଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଔକ୍ତଙ୍କକ୍ଷ୍ମ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ

ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇନ୍ତରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତ୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ ।

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK ପର୍ଯ୍ୟବେକ୍ଷକ

Bhubaneswar Sunday July 09, 2023 ଭୁବନେଶ୍ୱର ରବିବାର, ଜୁଲାଇ ୦୯,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ନବରଙ୍ଗପୁରରେ ଅଖିଳ ଭାରତୀୟ ଭ୍ରଷ୍ଟାଚାର ବିରୋଧି ସଂଗଠନ ପକ୍ଷରୁ ଜନ ଶୁଣାଣୀ



ନବରଙ୍ଗପୁର,(ପି.ଏନ), ନି ପ୍ର: ଆଜି ଅଖିଳ ଭାରତୀୟ ଭ୍ରଷ୍ଟାଚାର ବିରୋଧି ସଂଗଠନ ପକ୍ଷରୁ ନବରଙ୍ଗପୁର ପ୍ରେସ କ୍ଲବ ଠାରେ ଜନ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । କିଛି ଦିନ ପୂର୍ବ ନବରଙ୍ଗପୁର ଉପ ଜିଲ୍ଲାପାଳ ପ୍ରଶାନ୍ତ ରାଉତଙ୍କ ଭ୍ରଷ୍ଟାଚାରରେ ଲିପ୍ତ ଥିବା ବେଳେ ତାଙ୍କ ନଅ ଗୋଟି ଆବାସ ଗୃହରୁ ପ୍ରାୟ ଛଅ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜବତ ହୋଇଥିଲା ।ନବରଂଗପୁର ଜିଲ୍ଲାରେ ଉପ ଜିଲ୍ଲାପାଳ ପ୍ରଶାନ୍ତ ରାଉତଙ୍କ କାର୍ଯ୍ୟକାଳ ମଧ୍ୟରେ ଭାରତମାଳା, ବାଲି ପଥର ,କୁଆଁରୀ ତଥା ବିଭିନ୍ନ ଜମି ସଂକ୍ରାନ୍ତୀୟ କିସମ ବଦଳାଇବା ଓ ଏସସି ଜମି ବିକ୍ରୀ ଅନୁମତି ପ୍ରଦାନ କରିବା ଆଳରେ କୋଟି କୋଟି ଟଙ୍କା ଆୟ କରିଥିବା ଅଭିଯୋଗ ହୋଇଛି ।ଏ ଘଟଣାର ପୁଙ୍ଖା ନୁ ପୁଙ୍ଖ ସତ୍ୟ ସାମ୍ନାକୁ ଆଣିବା ସହିତ ଦୋଷୀ ଓ ତାଙ୍କର ସହଯୋଗୀଙ୍କୁ ଦଣ୍ଡ ପ୍ରଦାନ ଓ ଦୁର୍ନିତୀ ର ମୁଳାପ୍ତନ କରିବା ଲକ୍ଷ ନେଇ ଅଖିଳ ଭାରତୀୟ ଭ୍ରଷ୍ଟାଚାର ବିରୋଧି ସଂଗଠନ ରାଜ୍ୟ ଶାଖା ତତ୍ପରତା ଦେଖାଇ ସଙ୍ଘର ସଭାପତି ସୁବ୍ରତ ନନ୍ଦଙ୍କ ନେତୃତ୍ୱରେ ଏକ ଫେକ୍ଟ ଫାଇଣ୍ଡିଂ କମିଟି ଦ୍ୱାରା ଆଜି ଜନ ଶୁଣାଣୀ ଆୟୋଜନ କରଯାଇଥିଲା । ଜିଲ୍ଲାରେ ବାଲି, ପଥର କୁଆଁରୀ, ସ୍ୱାସ୍ଥ୍ୟ ବିଭାଗ ର ଦୁର୍ନିତୀ, ତହସିଲ ଆର ଆଇ ମାନଙ୍କ ଅହେତୁକ ଦୁର୍ନିତୀ,ଭ୍ରଷ୍ଟାଚାର ତଥ୍ୟ ମିଳିବା ପରେ ଏସବୁ ଉଚ୍ଚ ସ୍ତରୀୟ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଅଖିଳ ଭାରତୀୟ ଦୁର୍ନିତୀ ବିରୋଧୀ ସଂଗଠନ ପକ୍ଷରୁ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।ଜନଜାତି ସୁରକ୍ଷା ମଞ୍ଚର ଅର୍ଜୁନ ଭତ୍ରା ସମସ୍ତ ଗଣମାଧ୍ୟମର ସାମ୍ବାଦିକ ସାଧାରଣ ଜନତା ସମେତ ସାଧାରଣ ସମ୍ପାଦକ ଶ୍ୟାମ ସୁନ୍ଦର ପଣ୍ଡା, ଅବିଭକ୍ତ କୋରାପୁଟ ଜିଲ୍ଲାର ଆବାହକ ଅଶୋକ ମିଶ୍ର, ସିଏଚ୍ ଈଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓଡ଼ଗାଁରେ ବୃକ୍ଷରୋପଣ

ଭୁବନେଶ୍ୱର,(ପି.ଏନ): ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓଡ଼ଗାଁରେ ଆଜି ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଛାତ୍ର ଛାତ୍ରୀ,ଗୁରୁଜୀ ଗୁରୁମା ମାନଙ୍କ ଦ୍ୱାରା ଗଛଟିଏ ପିଲାଟିଏ, ବନ୍ଧୁ ଆମର ଗଛ,ନୁହେଁ ତ ଏହା ମିଛ,ଦିଏ ଆମକୁ ବାସ,ଔଷଧ ଖାଦ୍ୟ ରସ,ବସ୍ତ୍ର ସାଙ୍ଗକୁ ବାୟୁ,ବଢାଏ ଆମ ଆୟୁ,ବରଷା ଜଳମୟ,ମାଟି ନକରେ କ୍ଷୟ ଏପରି ବିଭିନ୍ନ ସ୍ଲୋଗାନ ଦେଇ ସାହି ପରିକ୍ରମା କରି ଲୋକମାନଙ୍କୁ ସଚେତନ କରାଇଥିଲେ ।ପରେ ଅନୁଷ୍ଠାନର ଅଧକ୍ଷ ପ୍ରକୃତିବନ୍ଧୁ ପଞ୍ଚାନନ ପଣ୍ଡାଙ୍କ ଅଧକ୍ଷତାରେ ଶିକ୍ଷାକେନ୍ଦ୍ର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଏଥିରେ ମୁଖ୍ୟ ଅତିଥି ଓଡ଼ଗାଁ ବନଖଣ୍ଡ ଅଧିକାରୀ ନିଖିଲେଶ ମଲ୍ଲିକ,ସମ୍ମାନିତ ଅତିଥି ରୂପେ ବନପାଳ ସନ୍ଧ୍ୟାରାଣୀ ନାୟକ,ପ୍ରକୃତିବନ୍ଧୁ ରଞ୍ଜନ କୁମାର ଦାଶ, ସମାଜସେବୀ ଦ୍ୱିତୀକୃଷ୍ଣ ମିଶ୍ର ଉପସ୍ଥିତ ରହି ପରିବେଶ ପ୍ରତି ବୃକ୍ଷ ର ଅବଦାନ, ବ୍ୟବହୃତ ପ୍ଲାଷ୍ଟିକ ବୋତଲ କୁ କିପରି ବ୍ୟବହାର କରିବା,ପଲିଥିନ ର ବ୍ୟବହାର ନ କରିବା,ଗଛ ଲଗାଇବା ସହିତ ତାର ଯତ୍ନ ନେଇ ତାକୁ ବଞ୍ଚେଇବା,ବୃକ୍ଷ ଆମକୁ ଅଦୃଶ୍ୟ ଭାବରେ କିପରି ଦାନ ଦେଇଥାଏ ସେ ବିଷୟରେ ଅନେକ ସଚେତନତା ବାର୍ତ୍ତା ବକ୍ତବ୍ୟ ରଖିଥିଲେ ।

## ପାରାଦୀପରେ ଜାତୀୟ ବାଣିଜ୍ୟ ମେଳା ଉଦଘାଟିତ



ପାରାଦୀପ,(ପି.ଏନ): ପାରାଦୀପ ବେଳାଭୂମିର ବିଜୁ ମୈଦାନ ଠାରେ ଜାତୀୟ ବାଣିଜ୍ୟ ମେଳା ଶୁକ୍ରବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି । ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ରୁପେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ମେଳାକୁ ଉଦଘାଟନ କରିଥିଲେ । ଏହି ମେଳା ଚଳିତ ଜୁଲାଇ ୭ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୯ ଦିନ ଧରି ଚାଲିବ । ତେବେ ଚଳିତ ଥର ଆୟୋଜକଙ୍କ ପକ୍ଷରୁ ୭୦ରୁ ଉର୍ଦ୍ଧ ଷ୍ଟଲ ନିର୍ମାଣ କରାଯାଇଛି । ଚଳିତ ବର୍ଷ ଓଡିଶା ସମେତ ଦିଲ୍ଲୀ, ହରିୟାଣା, ମଧ୍ୟପ୍ରଦେଶ, ଗୁଜୁରାଟ, ପାବ, ଛତିଶଗଡ ଇତ୍ୟାଦି ରାଜ୍ୟ ବାହାରର ବ୍ୟବସାୟୀ ମାନେ ନିଜର ଷ୍ଟଲ ପକାଇଛନ୍ତି । ଏହି ଷ୍ଟଲ ମାନଙ୍କରେ ଆକର୍ଷଣୀୟ ଶାଢୀ ସମେତ କାଶ୍ମିରୀ ଶାଢୀ, କସମେଟିକ୍ସ, ଇନଭିଟେସନ ଗହଣା, ଜୋତା, ଡ୍ରେସ, ବିଭିନ୍ନ କିସମର ଆଚାର, ଚୁଡି, ଫ୍ୟାନସି ସାମଗ୍ରୀ ଇତ୍ୟାଦି ସୁଲଭ ମୂଲ୍ୟରେ ମିଳିପାରିବ । ଏତଦବ୍ୟତିତ ଦୈନିକ ମନୋରନ କାର୍ଯ୍ୟକ୍ରମ, ପିଲାଙ୍କ ପାଇଁ ଖେଳ ସରାମ ଓ ଡ୍ରାଗନ ଟ୍ରେନର ବ୍ୟବସ୍ଥା କରାଯାଇଥିବା ନେଇ ସୂଚନା ଦେଇଛନ୍ତି ଏହି ମେଳର ଆୟୋଜକ ପ୍ରଶାନ୍ତ କୁମାର ମଲ୍ଲିକ ଓ ଗିରିଧାରୀ ଲେଙ୍କା । ତେବେ ଚଳିତ ମେଳାରେ ଜନଗହଳି ସାଙ୍ଗକୁ ବ୍ୟବସାୟୀ ମାନେ ଭଲ ରୋଜଗାର କରିବାର ଆଶା ରଖିଛନ୍ତି ଆୟୋଜକ ।

## ବିଜୁ ଜନତାଦଳ ସାଙ୍ଗଠନିକ କର୍ମକର୍ତ୍ତା ସମ୍ମିଳନୀରେ ନିର୍ବାଚନ ବିଗୁଲ ବଜାଇଲେ ଅମର



ଦର୍ପଣ, (ପି.ଏନ.): ୨୦୨୪ ସାଧାରଣ ନିର୍ବାଚନ ଆହୁରି ୮ମାସ ବାକି ଥିବାବେଳେ ଆଜି ବଡ଼ଚଣା ବିଜେଡ଼ି ପକ୍ଷରୁ ବିଜୁଜନତା ଦଳ ସାଙ୍ଗଠନିକ କର୍ମକର୍ତ୍ତା ସମ୍ମିଳନୀରେ ନିର୍ବାଚନ ବିଗୁଲ ବଜାଇ ତାର ନିର୍ବାଚନ ପ୍ରସ୍ତୁତି ଆରମ୍ଭ କରିଛି । ଆଜି ଚଣ୍ଡିଖୋଲ ଛକ ସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ବ୍ଲକ ସଭାପତି ଅରବିନ୍ଦ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ବଡ଼ଚଣାବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାରେ ଦୀର୍ଘ ୨୩ ବର୍ଷ ଧରି ଯେଉଁ ବିକାଶ ଧାରା ଚାଲିଛି ସେ ବିକାଶ ଧାରାରେ ବଡ଼ଚଣାକୁ ସାମିଲ କରି ଏକ ଶାନ୍ତ ସମୃଦ୍ଧ ବିକଶିତ ଓ ସବୁଜିମା ଭରା ବଡ଼ଚଣା ଗଠନ କରିବା ପାଇଁ ଉପସ୍ଥିତ ଦଳୀୟ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଛନ୍ତି । ତୃଣମୂଳ ସ୍ତରରେ ସଂଗଠନକୁ ମଜବୁତ କରିବା ସହ ସରକାରଙ୍କ ବିଭିନ୍ନ ଗରିବ କଲ୍ୟାଣ ଯୋଜନା ଗୁଡ଼ିକୁ ଲୋକମାନଙ୍କ ପାଖରେ ପହଞ୍ଚାଇ ଦଳକୁ ଅଧିକ ସଂଗଠତ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଦୀର୍ଘ ୩ ଦଶନ୍ଧୀ ଧରି ବଡ଼ଚଣାରେ ଶିକ୍ଷା ସ୍ୱାସ୍ଥ୍ୟ ପରିବହନ ଗମନାଗମନ ଆଦି କ୍ଷେତ୍ରରେ ଯେଉଁ ବିକାଶ ହୋଇଛି ସେ ବିକାଶ ଧାରାକୁ ବଜାୟ ରଖିବା ପାଇଁ ସମସ୍ତ ବିଜେଡ଼ି କର୍ମୀ ଏକମନପ୍ରାଣ ହେବାପାଇଁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ବଡ଼ଚଣା ବ୍ଲକ ନୂତନ ମହିଳା ବିଜେଡ଼ି ସଭାନେତ୍ରୀ ଭାବେ ବିକ୍ରମତିରଣ ପଞ୍ଚାୟତ ସମିତି ସଭ୍ୟା ରଶ୍ମିରେଖା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ମିଳନୀରେ ବଡ଼ଚଣା ବିଜେଡ଼ିର ୪୩ଗୋଟି ପଂଚାୟତର ସରପଞ୍ଚ ସଭ୍ୟ ଓ ସଭ୍ୟା , ଯୁବଛାତ୍ର କର୍ମକର୍ତ୍ତା, ଡ଼ିଜିଟାଲ କର୍ମକର୍ତ୍ତାମାନେ ଯୋଗଦେଇ ବିଧାୟକ ଅମର ଶତପଥୀଙ୍କ ହାତମୁଠାକୁ ଟାଣ କରିବା ସହିତ ଓଡ଼ିଶାରେ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକଙ୍କୁ ଦେଖିବା ସହିତ ବଡ଼ଚଣାରେ ସପ୍ତମ ଥର ପାଇଁ ବିଧାୟକ ଅମର ପ୍ରସାଦ ଶତପଥୀଙ୍କୁ ଜିତେଇବା ପାଇଁ ସପଥ ନେଇଥିଲେ । ଏହି ସମ୍ମିଳନୀରେ ଯୁବ ବିଜେଡ଼ି ସଭାପତି ଗଣେଶ୍ୱର ବରାଳ, ଛାତ୍ରବିଜେଡ଼ି ସଭାପତି ଯତିନ୍ଦ୍ର ପ୍ରସାଦ ନାୟକ, ଜିଲ୍ଲପରିଷଦ ସଭ୍ୟା ସସ୍ମିତା ମହାନ୍ତି, ଜୟଶ୍ରୀ ସାମଲ, ପଂଚାୟତ ସମିତି ଅଧକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲ୍ଲା ବିଜେଡ଼ି ଉପସଭାପତି ଅମର ମହାନ୍ତି, ବ୍ଲକସତବାର୍ଷିକ କମିଟିର ଆବାହକ ସାରଦା ପ୍ରଶନ୍ନ ମହାନ୍ତି, ସମ୍ପାଦକ ବିପିନ ବିହାରୀ ଜେନା, ପଂଚାନନ ଧଳ, ନିରଞ୍ଜନ ସେନାପତି, ସରପଂଚ ବିଜୟ ସ୍ୱାଇଁ, ସରପଂଚ ନବଦ୍ୱୀପ ନାୟକଯଯାତି ରାଉତ, ବିଭୁତି ଭୂଷଣ ସାମଲ, ଜୟନ୍ତୀ ସ୍ୱାଇଁ, ସୁଶ୍ରୀ ମିଶ୍ର, ରଞ୍ଜନ ଦାସ, କିଶୋର ବେହୁରୀଆ, ସମରେନ୍ଦ୍ର ମହାପାତ୍ର,ସମିତି ସଭ୍ୟ ସଞ୍ଜୟ ବେହେରା, ଦୀପକ ସାହୁ, ପଂଚାୟତ ସଭାପତି ପ୍ରକାଶ ପ୍ରଧାନ, ମାଧବାନନ୍ଦ ମହାପାତ୍ର, ସଂଖ୍ୟାଲଘୁ ସେଲର ମୋହିନ ଅହମ୍ମଦ, ଭାଗ୍ୟଧର ମଲ୍ଲିକ, ସଂଜୟ ସ୍ୱାଇଁ, ଛାତ୍ରବିଜେଡ଼ି ସୁଜିତ୍ ସୌରଭ ସାମଲ, ବିଶ୍ୱଜିତ୍ ଜେନା, ଭବାନୀ ଶଙ୍କର ସାହୁ, ଜଗନ୍ନାଥ ମୁଦୁଲୀ ପ୍ରମୁଖ ଯୋଗଦେଇ ଦଳକୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଶେଷରେ ପୂର୍ବତନ ସରପଂଚ ବାସୁଦେବ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଯୁକ୍ତରାଷ୍ଟ୍ର ଆମେରିକାର ରୋଡ଼ସ୍ ଆଇଲ୍ୟାଣ୍ଡ ଠାରେ ଶ୍ରୀ ଜଗନ୍ନାଥଙ୍କର ରଥଯାତ୍ରା ପାଳନ



ରୋଡସ୍ ଆଇଲ୍ୟାଣ୍ଡ ,(ପି.ଏନ): ଯୁକ୍ତରାଷ୍ଟ୍ର ଆମେରିକାର ସବୁଠାରୁ କ୍ଷୁଦ୍ର ରାଜ୍ୟ ରୋଡ଼ସ୍ ଆଇଲ୍ୟାଣ୍ଡ ଠାରେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କର ସବୁଠୁ ବୃହତ୍ ପର୍ବ ରଥଯାତ୍ରା ମହାସମାରୋହରେ ପାଳନ କରାଯାଇଛି । ଏହି ଉପଲକ୍ଷେ ଚାରି ଠାକୁର ବିରାଜମାନ କରୁଥିବା ଓ୍ୱାରଓ୍ୱିଇକସ୍ଥିତ ହିନ୍ଦୁ ମନ୍ଦିରକୁ ଖୁବ ଭବ୍ୟ ଢଙ୍ଗରେ ସଜାଯାଇଥିଲା । ଏଠାରେ ସକାଳେ ମୁଖ୍ୟ ପୂଜାରୀ ସୋମନାଥ ଶାସ୍ତ୍ରୀଙ୍କର ତତ୍ତ୍ୱାବଧାନରେ ମଙ୍ଗଳ ଆରତୀ, ହୋମ ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା ତଥା ନିତିକାନ୍ତି ଧାର୍ମିକ ବିଧି ଅନୁଯାୟୀ ସମ୍ପନ୍ନ କରାଯାଇଥିଲା । ରୋଡସ୍ ଆଇଲ୍ୟାଣ୍ଡରେ ଷଷ୍ଠ ଥର ପାଇଁ ଅନୁଷ୍ଠିତ ହେଉଥିବା ରଥଯାତ୍ରା ମହୋତ୍ସବକୁ କେନ୍ଦ୍ରକରି ଉପସ୍ଥିତ ଭକ୍ତଗଣଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଅପୂର୍ବ ଉଲ୍ଲାସ, ଅଜସ୍ର ଉତ୍ସାହ, ଅସୀମ ଉନ୍ମାଦନା ଓ ଅଫୁରନ୍ତ ଉଦ୍ଦୀପନା ପରିଲକ୍ଷିତ କରାଯାଇଥିଲା । ଚଳିତ ବର୍ଷର ଘୋଷଯାତ୍ରାରେ ରୋଡସ ଆଇଲ୍ୟାଣ୍ଡର ଶ୍ରଦ୍ଧାଳୁ ମାନଙ୍କ ସହିତ ସୁଦୂର ପେନସିଲଭାନିଆ, ନିଉଜର୍ସି, କନେକ୍ଟିକଟ ଓ ମାସାଚୁଉଟସ ଆଦି ସ୍ଥାନରୁ ବହୁ ସଂଖ୍ୟାରେ ଓଡ଼ିଆ ଓ ଅଣଓଡ଼ିଆ ଭକ୍ତ, ସେମାନଙ୍କର ପରିବାରବର୍ଗ ଓ ବନ୍ଧୁ ପରିଜନଙ୍କ ସହିତ ଆସି ଯୋଗ ଦେଇଥିବାର ଲକ୍ଷ୍ୟ କରାଯାଇଥିଲା । ଦିନ ସାଢେ ୧୧ ବେଳେ ଭଜନ କୀର୍ତ୍ତନର ଗହ ଗହ ନାଦ, ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନି ତଥା ଶଙ୍ଖ, ଘଣ୍ଟ, କରତାଳ, ମର୍ଦ୍ଦଳ, ଝାଞ୍ଜ ଓ ମୃଦଙ୍ଗ ବାଜଣାର ଘୋର ଘର୍ଘର ସ୍ୱର ଦ୍ୱାରା ଗଗନ ପବନ ପ୍ରକମ୍ପନ ହେବା ମଧ୍ୟରେ ଚାରି ଠାକୁରଙ୍କର ଧାଡ଼ି ପହଣ୍ଡି ବିଜେ ଆରମ୍ଭ ହୋଇଥିଲା । ପ୍ରଥମେ ପ୍ରଭୁ ସୁଦର୍ଶନ, ତାପରେ ବଡ଼ଭାଇ ବଳଭଦ୍ର, ପରେ ପରେ ଦେବୀ ସୁଭଦ୍ରା ଓ ସବାଶେଷରେ ମହାପ୍ରଭୁ ଜଗନ୍ନାଥଙ୍କୁ ସେବାୟତ ଓ ସଂଗଠକମାନେ ରୋଷଣୀ କରି ମନ୍ଦିରସାମ୍ନାରେ ଦଣ୍ଡାୟମାନ ସୁନ୍ଦର, ସୁରମ୍ୟ ଓ ବିଭିନ୍ନ ରଙ୍ଗବେରଙ୍ଗର କପଡ଼ାରେ ସୁସଜ୍ଜିତ ୧୫ ଫୁଟ ଉଚ୍ଚତା ବିଶିଷ୍ଟ ରଥ ଉପରକୁ ନେଇ ସିଂହାସନରେ ଆସୀନ କରାଇଥିଲେ । ଏଠାରେ ମହିଳାମାନେ ଦେବୀ ସୁଭଦ୍ରାଙ୍କୁ ନଚାଇ ନଚାଇ ରଥ ନିକଟକୁ ନେଉଥିବାର ଦୃଶ୍ୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ଥିଲା । ଶ୍ରୀ ଜୀଉ ମାନଙ୍କୁ ଏବଂ ସେମାନଙ୍କର ରଥକୁ ଶ୍ରଦ୍ଧା ନାୟକ ଓ ସୁଦୀପା ନାୟକ ମାଆ ଝିଅ ଯୋଡ଼ି ଖୁବ ସୁନ୍ଦର ଭାବରେ ଫୁଲମାଳରେ ସଜାଇ ଥିଲେ । ବିଶିଷ୍ଟ ସମାଜସେବୀ ଶୁଭ୍ରାଂଶୁ ମହାନ୍ତି ପାରମ୍ପରିକ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ । ଅପରାହ୍ନ ୧ଟା ବେଳେ ରଥ ଟଣା ଆରମ୍ଭ କରାଯାଇଥିଲା । ରଥଟିକୁ ହିନ୍ଦୁ ମନ୍ଦିରର ଚର୍ତୁପାର୍ଶ୍ୱରେ ଦେଢ଼ କିଲୋମିଟର ଦୂର ପର୍ଯ୍ୟନ୍ତ ବୁଲାଯାଇ ପୁଣି ମନ୍ଦିର ବେଢ଼ାକୁ ଫେରାଇ ଅଣାଯାଇଥିଲା । ଓ୍ୱାରଉଇକର ରାଜରାସ୍ତାରେ ରାଜକୀୟ ଠାଣିରେ ଚତୁର୍ଦ୍ଧା ମୂର୍ତ୍ତି ଆରୋହଣ କରିଥିବା ଅପରୂପ ରଥଟି ଗଡି ଗଡି ଚାଲିବାର ଦୃଶ୍ୟ ଅନନ୍ୟ ଓ ଅଭୁଲା ଥିଲା । ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ପ୍ରସିଦ୍ଧ ଚିତ୍ରଶିଳ୍ପୀ ପ୍ରିୟଙ୍କା ସାହାଣୀ, ବାୟୋ ଟେକ୍ନୋକ୍ରାଟ ଅନୁପ ମହାନ୍ତି ଏବଂ ଆଇଟି ବିଶେଷଜ୍ଞ ଚିରଞ୍ଜିବୀ ମହାପାତ୍ର ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ । ଏହାପରେ ଦିଅଁ ମାନଙ୍କୁ ପୁରୀ ଆନନ୍ଦବଜାର ଶୈଳୀରେ ପ୍ରସ୍ତୁତ ସ୍ୱାଦିଷ୍ଟ ମହାପ୍ରସାଦ ଭୋଗ ଲଗାଯାଇଥିଲା ଏବଂ ଏହାକୁ ଆଗନ୍ତୁକ ମାନଙ୍କ ମଧ୍ୟରେ ବିତରଣ କରାଯାଇଥିଲା । ଏହି ଅବସରରେ ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ବିଶେଷ ଆକର୍ଷଣ ମଧ୍ୟରେ ପ୍ରଜ୍ଞାନ ବେହେରା, ସୁନୀଲ କୁମାର ଦୁଦା ଓ ମୁନମୁନ ଦାସଙ୍କ ଦ୍ୱାରା ସୁମଧୁର ଭଜନ ଗାୟନ ଏବଂ ରଥ ସମ୍ମୁଖରେ ରୀନା ଦାଶଙ୍କ ଦ୍ୱାରା ମନଲୋଭା ଓଡ଼ିଶୀ ନୃତ୍ୟ ପରିବେଷଣ ସାମିଲଥିଲା । ମୁନମୁନ ଦାସ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁଚାରୁରୂପେ ଉପସ୍ଥାପନା ଓ ସଂଯୋଜନା କରିଥିଲେ । ଓ୍ୱାର୍ଲଡ୍ ଓଡ଼ିଶା ସୋସାଇଟିର ଆନ୍ତର୍ଜାତିକ ସଂଯୋଜକ ଅକ୍ଷୟ ମହାନ୍ତିଙ୍କର ସାମଗ୍ରିକ ତତ୍ତ୍ୱାବଧାନରେ ଆୟୋଜିତ ରଥଯାତ୍ରାକୁ ବିପୁଳ ସଫଳ କରାଇବାରେ ସୁଦକ୍ଷ ସଂଗଠକ ଯଥା ମଣି ମହାପାତ୍ର, ସିମ୍ମି ମହାପାତ୍ର, ସରୋଜ ବେହେରା, ରଂଜିତ ବେହେରା, ଚନ୍ଦ୍ର ନାୟକ, ଶ୍ରଦ୍ଧା ନାୟକ, ଦିଗବିଜୟ ମହାପାତ୍ର, ଅରୁଣା ମହାପାତ୍ର, ବିଶ୍ୱ ପଟ୍ଟନାୟକ, ଲୀନା ପଟ୍ଟନାୟକ, ସୁକାନ୍ତ ପାତ୍ର, ଶଶି ମହାନ୍ତି, କଳ୍ପନା ମହାନ୍ତି, ବିଷ୍ଣୁପ୍ରିୟା ବଳ, କରୁଣା ମେହେଟ୍ଟା, ପଙ୍କଜ ପଣ୍ଡା ଓ ସୌମ୍ୟଶ୍ରୀ ଦାଶ ପ୍ରମୁଖ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray